୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.80 Bhubaneswar Friday May 03 2024 ୨୬ତମ ବର୍ଷ ସଂଖ୍ୟା-୮୦ ଭୁବନେଶ୍ୱର, ଶୁକ୍ରବାର, ମଇ ୦୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ୧୦୭ରୁ ମାତ୍ର ୨୫ ବିଧାୟକଙ୍କୁ ଟିକେଟ୍ ଦେଲାନି ବିଜେଡି

ଭୁବନେଶ୍ୱର,୨।୫(ପି.ଏନ): ଯେଉଁ ଗୋଷ୍ଠୀକନ୍ଦଳର ଆଶଙ୍କାରେ ବିଜେଡି ନିଜର ଟିକେଟ୍ କସରତ କରି ପୁରୁଣା ନେତାମାନଙ୍କୁ ତୁଷ୍ଟୀକରଣ କଲା, ଏବେ ସେହି ଫର୍ମୁଲା ଦଳ ପାଇଁ ବୁମେରାଂ ହେବାରେ ଲାଗିଛି । ତୃଣମୂଳସ୍ତରରେ ସରକାରବିରୋଧୀ ହାୱା, ଦଳୀୟ ସଂଗଠନରେ ତୀବ୍ର କନ୍ଦଳ ଓ ସାଧାରଣ ଲୋକଙ୍କଠୁ ଦୂରେଇ ଯାଇଥିବା ବିଧାୟକମାନଙ୍କୁ ପୁଣିଥରେ ଦଳୀୟ ଟିକେଟ୍ ଧରାଇବା ବିଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହେବାର ଆଶଙ୍କା ଦେଖାଦେଇଛି । ଗୋଷ୍ଠୀକନ୍ଦଳକୁ ଏଡାଇବା ଓ ବିଦ୍ରୋହରୁ ବଂଚିବା ପାଇଁ ଦଳ ପ୍ରଥମଥର ପାଇଁ ୨୪%ରୁ ଅଧିକ ସିଟିଂ ବିଧାୟକଙ୍କ ଟିକେଟ୍ କାଟିବାକୁ ସାହାସ କରିପାରିନି । ଦଳ ୧୦୭ ବିଧାୟକଙ୍କ ମଧ୍ୟରୁ ମାତ୍ର ୨୫ଜଣଙ୍କ ଟିକେଟ କାଟିଛି । ୨୦୧୯ରେ ଦଳ ୪୨ଜଣ ବିଧାୟକ(୩୫.୮୯%) ଓ ୨୦୧୪ରେ ୪୦ଜଣ(୩୮.୮୩%) ବିଧାୟକଙ୍କ ଟିକେଟ୍ କାଟିଥିଲା । ସର୍ଭେ ରିପୋର୍ଟର ଆଳ ଦେଖାଇ ବିଜେଡି ପାଇଁ ଅଫିସରମାନେ ପ୍ରସ୍ତୁତ କରିଥିବା ପ୍ରାର୍ଥୀ ଚୂଡାନ୍ତ କରିଛି ସତ, ମାତ୍ର




ଅଧିକାଂଶ ସ୍ଥାନରେ ଦଳରେ ବ ?ୁଥିବା କନ୍ଦଳ ଏବେ ବିଧାୟକ ପ୍ରାର୍ଥୀମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ।ସୂଚନା ଅନୁସାରେ, ବିଜେଡିର ମୋଟ ୧୦୭ ବିଧାୟକଙ୍କ ମଧ୍ୟରୁ ଦଳ ଏଥର ୨୫ଜଣ ବିଧାୟକଙ୍କ ଟିକେଟ୍ ସମ୍ପୂର୍ଣ୍ଣ ଭାବେ କାଟି ଦେଇଛି । ୮ଜଣ ବିଧାୟକଙ୍କ ପତ୍ନୀଙ୍କୁ ଓ ୨ଜଣ ବିଧାୟକଙ୍କ ପୁଅ ଓ ଝିଅକୁ ଟିକେଟ୍ ଦେଇଛି । ୨ଜଣ ବିଧାୟକଙ୍କୁ ସାଂସଦ ପ୍ରାର୍ଥୀ ଭାବେ ମଇଦାନକୁ ଛାଡିଛି । ବାକି ୭୦ଜଣ ବିଧାୟକଙ୍କୁ ପୁଣିଥରେ ମଇଦାନକୁ ଓହ୍ଲାଇଛି । ଗୋଟିଏ ପରିବାରରୁ ଗୋଟିଏ ଟିକେଟ୍ କଥା କହି ମଧ ଶେଷମୁହୂର୍ତ୍ତରେ ସେଥିରୁ ଓହରି ଯାଇଛି । ଦଳ ସୁଧୀର ସାମଲ, ପ୍ରଣବପ୍ରକାଶ ଦାସ ଓ ସୁଦାମ ମାର୍ଣ୍ଡିଙ୍କ ପରିବାରକୁ ୨ଟି ଲେଖାଁଏ ଟିକେଟ୍ ଦେଇଛି । ଏହି ଦୁଇ ବିଧାୟକଙ୍କୁ ସାଂସଦ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛି । ମାତ୍ର ସେମାନଙ୍କର ପରାଜୟର ଆଶଙ୍କା କରି ପ୍ରଣବଙ୍କ ମା'ଙ୍କୁ କୋରେଇ ଓ ସୁଦାମଙ୍କ ପତ୍ନୀଙ୍କୁ ବାଙ୍ଗିରିପୋଷି ବିଧାନସଭା ଆସନରେ ଟିକେଟ୍ ଦେଇଛି । ସେହିପରି ଅଦୃଶ୍ୟ କାରଣରୁ ଢେଙ୍କାନାଳ ବିଧାୟକଙ୍କ ପୁତୁରାଙ୍କୁ ମଧ ସେଠାରେ ସାଂସଦ ଟିକେଟ୍ ଦଳ ଦେଇଛି । ବିଜେଡି ସୁପ୍ରିମୋ ନିଜେ ୨ଟି ଆସନରୁ ଲ ?ୁଛନ୍ତି । ଦଳ ଦୁଇଜଣ ସାଂସଦ ରମେଶ ମାଝୀ ଓ ମହେଶ ସାହୁଙ୍କୁ ଏଥର ବିଧାୟକ ପ୍ରାର୍ଥୀ କରିଛି । ଦଳ ୬ଜଣ ବିଧାୟକ ବିକ୍ରମ ପଣ୍ଡା, ରୋହିତ ପୂଜାରୀ, ଉମାକାନ୍ତ ସାମନ୍ତରାୟ, ରାଜେନ୍ଦ୍ର ସାହୁ, ସଞ୍ଜିବ ମଲ୍ଲିକ ଓ ପ୍ରଫୁଲ୍ଲ ସାମଲଙ୍କ ଆସନକୁ ବଦଳାଇଛି ।ବିଜେଡିର ଟିକେଟ୍ ଚୟନ ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟକ୍ତିମାନେ ସ୍ଥାନୀୟ ସମୀକରଣ ଓ କର୍ମୀଙ୍କ ଭାବାବେଗକୁ ଅଣଦେଖା କରି ଅଧିକାଂଶ ସ୍ଥାନରେ ବିବାଦୀୟ ନେତାମାନଙ୍କୁ ଟିକେଟ୍ ଦେଇଛନ୍ତି । କେତେକ ସଂଗଠନ ନଥିବା ବ୍ୟକ୍ତିମାନଙ୍କୁ ବି ଟିକେଟ୍ ଧରାଇବାକୁ ପଛାଇ ନାହାନ୍ତି । ଦଳ ଜିତୁ ବା ହାରୁ କିନ୍ତୁ ନିଜର ପତିଆରା ଜାହିର କରିବାକୁ କିଛି ଆସନରେ ମନଇଛା ନିଷ୍ପତ୍ତି ନିଆଯାଇଥିବା ବିଜେଡି ସୂତ୍ରରୁ ଜଣାପଡିଛି । ଯେଉଁଥିପାଇଁ ବିଜେଡିର ଏହି ଟିକେଟ୍ ଘୋଷଣା ପରେ ଅନେକ ସ୍ଥାନରେ ଦଳୀୟ ପ୍ରାର୍ଥୀମାନେ କଡା ବିରୋଧର ସମ୍ମୁଖୀନ ହେଉଛନ୍ତି ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନଥିବା ଚର୍ଚ୍ଚା ହେଉଛି ।

## ସୁକାନ୍ତଙ୍କୁ ଚେକ୍ ଦେବା ପାଇଁ ଶତାଧିକ ସମର୍ଥକଙ୍କୁ ଧରି ବିଜେଡ଼ି ଛାଡିଲେ ସନ୍ତୋଷ



ଭୁବନେଶ୍ୱର,୨।୫(ପି.ଏନ)ସବୁ ଅପେକ୍ଷାର ଅନ୍ତ ଘଟାଇ ଆଜି ବିଜେଡି ନୀଳଗିରି ବିଧାୟକ ପାର୍ଥୀ ଘୋଷଣା କରିଛି । ହେଲେ ନିରାଶ ହୋଇଛନ୍ତି ନୀଳଗିରି ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ଥିବା ବାଲେଶ୍ୱର ଜିଲ୍ଲା ବିଜେଡି ଉପ-ସଭାପତି ସନ୍ତୋଷ ଖଟୁଆ । ତେଣୁ ସେ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି । ସମର୍ଥକଙ୍କ ସହ ଆଲୋଚନା କରି ଅନ୍ୟ ରାଜନୈତିକ ଦଳରେ ମିଶି ନିର୍ବାଚନ ଲ ?ିବେ ବୋଲି ଶ୍ରୀ ଖଟୁଆ କହିଛନ୍ତି ।ସନ୍ତୋଷ ଖଟୁଆ ଆଜି ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ନିଜର ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି । ଶ୍ରୀ ଖଟୁଆଙ୍କ ସହ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ବିଜେଡିରୁ ଇସ୍ତଫା ଦେଇଛନ୍ତି । ସମର୍ଥଙ୍କ ସହ ଆଲୋଚନା କରି ଅନ୍ୟଦଳରେ ମିଶି ନିର୍ବାଚନ ଲଢ଼ିବେ ବୋଲି ଶ୍ରୀ ଖଟୁଆ କହିଛନ୍ତି । ସେପଟେ ଦେଖିବାକୁ ଗଲେ ନୀଳଗିରି ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିନି । ଏଥିରୁ ଜଣାପଡୁଛି ଶ୍ରୀ ଖଟୁଆ ବିଜେପିରେ ମିଶି ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

## ବବିଙ୍କ ମାଆଙ୍କୁ ମିଳିଲା ଟିକେଟ; ଏବେ ସୋଶାଲ ମିଡିଆରେ କ'ଣ ଲେଖିବେ ବିଜେଡ଼ି ନେତା ?



ଭୁବନେଶ୍ୱର,୨।୫(ପି.ଏନ): ପ୍ରାୟ ଦେଢ଼ ମାସ ତଳର କଥା । ଅରିନ୍ଦମ ରାୟ ବିଜେଡି ଛାଡିବା ପରେ ଦଳର ନେତାମାନେ ସୋଶାଲ୍ ମିଡିଆରେ ଲେଖିଥିଲେ, ...ଗୋଟିଏ ପରିବାର ଗୋଟିଏ ଟିକେଟ... ଉପାଖ୍ୟାନ । ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ସପକ୍ଷରେ ଯୁକ୍ତି ବାଢ଼ି ବିଜେଡି ନେତାମାନେ ସୋଶାଲ୍ ମିଡିଆରେ ଏପରି ପୋଷ୍ଟ କରିଥିଲେ । ହେଲେ ଆଜି ବଦଳିଗଲା ପୂରା ଚିତ୍ର । ଆଜି ବିଜେଡି ଘୋଷଣା କରିଥିବା ପ୍ରାର୍ଥୀଙ୍କ ଭିତରେ ଅଛନ୍ତି ପ୍ରଣବଙ୍କ ମାଆ । ଅର୍ଥାତ ବବି ଓ ତାଙ୍କ ମାଆ ଓହ୍ଲାଇଛନ୍ତି ନିର୍ବାଚନୀ ମୈଦାନକୁ । ଗୋଟିଏ ପରିବାରରୁ ମାଆ ଓ ପୁଅ ନିର୍ବାଚନ ରଣଭୂମିକୁ ଆସିବା ପରେ ଏବେ ସୋଶାଲ ମିଡିଆରେ ବିଜେଡି ନେତାମାନେ କ'ଣ ଲେଖିବେ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଗୁଲ୍ ବାଜିବା ପରେ ବିଜେଡିଠାରୁ ଦୂରେଇ ଯାଇଥିଲେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଭିଣୋଇ ଅରିନ୍ଦମ ରାୟ । ସେ ବିଜେଡି ଛାଡି ବିଜେପିରେ ମିଶିଥିଲେ । ବିଜେପିରେ ମିଶିବା ପରେ ଅରିନ୍ଦମ ବିଜେଡି ବିରୋଧରେ ମନଇଛା ବର୍ଷିଥିଲେ । ଅରିନ୍ଦମଙ୍କ ଆକ୍ରମଣାତ୍ମକ ମୁଦ୍ରାରେ ବେକ୍‌ଫୁଟ୍‌ରେ ଥିଲେ ଶାଳକ ପ୍ରଣବ ପ୍ରକାଶ ଦାସ । ସୋଶାଲ୍ ମିଡିଆ ୟୁଜର୍ସ ଓ ଅନ୍ୟ ରାଜନୈତିକ ଦଳର ନେତାମାନେ ବବି ଙ୍କୁ ସମାଲୋଚନା କରିଥିଲେ ।

## ବିଜେଡିରୁ ଇସ୍ତଫା ଦେଲେ ଅନୁଭବ: ଟିକେଟ ନ ମିଳିବାରୁ ନେଲେ ନିଷ୍ପତ୍ତି

ଭୁବନେଶ୍ୱର,୨।୫(ପି.ଏନ): ଆଗାମୀ ନିର୍ବାଚନ ପାଇଁ ବିଜୁ ଜନତା ଦଳ ନିଜର ଶେଷ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ବାକି ଥିବା ଶେଷ ୩ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେଡି । ଏହାପରେ ଦଳର ଜଣେ ଆଗ ଧାଡିର ନେତା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଖଣ୍ଡପଡାରୁ ବିଧାୟକ ପାଇଁ ଆଶାୟୀ ପ୍ରାର୍ଥୀ ଅନୁଭବ ପଟ୍ଟନାୟକ ବର୍ତ୍ତମାନ ଦଳ ଛାଡିଥିବା ଜାଣିବାକୁ ମିଳିଛି । ୨୦୨୪ ନିର୍ବାଚନ ପାଇଁ ଖଣ୍ଡପଡା କିମ୍ବା ଅନ୍ୟ କୌଣସି ସ୍ଥାନ ପାଇଁ ଟିକେଟ ନ ମିଳିବାରୁ ବିଜେଡିରୁ ଇସ୍ତଫା ପ୍ରଦାନ କରିଛନ୍ତି ଅନୁଭବ ।ଆଗାମୀ ନିର୍ବାଚନ ପାଇଁ ବିଜେଡି ଶେଷ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଛି । ଶେଷ ପର୍ଯ୍ୟାୟରେ ବିଜେଡି ବାକି ଥିବା ୩ଟି ବିଧାନସଭା ଆସନ ପାଇଁ ଟିକେଟ ଦେଇଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । କୋରେଇ, ଖଣ୍ଡପଡା ଏବଂ ନୀଳଗିରି ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିସାରିଛି । ତେବେ ଏହି ଘୋଷଣା ପରେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ଅନୁଭବ ପଟ୍ଟନାୟକ । ଖଣ୍ଡପଡାରୁ ବିଜେଡିର ଆଶାୟୀ ପ୍ରାର୍ଥୀ ଭାବରେ ତାଙ୍କ ନାଁ ସାମିଲ ଥିଲେ ମଧ ବିଜେଡି ଅନୁଭବଙ୍କୁ ଟିକେଟ ଦେଇନାହିଁ । ଏହାପରେ ଅସନ୍ତୋଷ ହୋଇ ଦଳରୁ ଇସ୍ତଫା ଦେଇଛନ୍ତି ଅନୁଭବ ପଟ୍ଟନାୟକ । ଖଣ୍ଡପଡାରେ ପୂର୍ବରୁ ସୌମ୍ୟରଞ୍ଜନ ପଟ୍ଟନାୟକ ବିଧାୟକ ଭାବରେ ରହିଥିବା ବେଳେ ଚଳିତ ନିର୍ବାଚନ ପାଇଁ ସାବିତ୍ରୀ ପ୍ରଧାନଙ୍କୁ ଟିକେଟ ପ୍ରଦାନ କରାଯାଇଛି ।

## ନାମାଙ୍କନ ଦାଖଲ କଲେ ଅପରାଜିତା ଏବଂ ମନ୍ମଥ, ଜିଲ୍ଲାପାଳ କାର୍ଯ୍ୟାଳୟ ସାମ୍ନାରେ ମୁହାଁମୁହିଁ ହେଲେ ବିଜେଡି- ବିଜେପି କର୍ମୀ





ଭୁବନେଶ୍ୱର,୨।୫(ପି.ଏନ): ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟ ହେଭିୱେଟ୍ ନାମାଙ୍କନ ଦାଖଲ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଫିସରେ ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ନାମାଙ୍କନ ଦାଖଲ କରିଛନ୍ତି ।ଗୁରୁବାର ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରା କରି ପ୍ରଥମେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲେ ଅପରାଜିତା । ଏହାପରେ ସେ ଖୋର୍ଦ୍ଧା ଜିଲ୍ଲାପାଳ ଅଫିସରେ ଲୋକସଭା ଆସନରୁ ନାମାଙ୍କନ ଭରିଥିଲେ । ସେହିପରି ଆଜି ସକାଳୁ ସକାଳୁ ମନ୍ମଥଙ୍କୁ ନେଇ ରାଜନେ ?ତିକ ମହଲ ତଥା ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଥିଲା । ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିଥିଲେ । ପ୍ରଭୁଙ୍କ ଦର୍ଶନ ସମୟରେ ସେ ଶଙ୍ଖ ଫୁଙ୍କିବା ସହ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଅପରପକ୍ଷରେ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ମୁହାଁମୁହିଁ ହୋଇଥିଲେ ବିଜେଡି ଏବଂ ବିଜେପି କର୍ମୀ । ଉଭୟ ଗୋଷ୍ଠୀର ସମର୍ଥକ ନାରାବାଜି କରିବା ସହିତ ଜୟ ନବୀନ, ଜୟ ମୋଦୀ ନାରା ପକାଇଥିଲେ । ତେବେ ଆଉ କିଛି ଦିନରେ ମତଦାନ ଥିବାବେଳେ ଜିଲ୍ଲାପାଳ ଅଫିସ ଆଗରେ ଉଭୟ ଦଳର କର୍ମୀ ମୁହାଁମୁହିଁ ହେବା ଚର୍ଚ୍ଚା ସୃଷ୍ଟି କରିଛି ।

## ନିର୍ବାଚନ କମିଶନଙ୍କ ଛାଟ: ମିଶନ ଶକ୍ତି ସଚିବ ପଦରୁ ସୁଜାତା କାର୍ତ୍ତିକେୟନ ବିଦା



ଭୁବନେଶ୍ୱର,୨।୫(ପି.ଏନ): ବିଜେଡିର ନମ୍ବର-ଟୁ ଭିକେ ପାଣ୍ଡିଆନଙ୍କ ପତ୍ନୀ ତଥା ମିଶନ ଶକ୍ତି ସଚିବ ସୁଜାତା ଆର କାର୍ତ୍ତିକେୟନଙ୍କୁ ଶକ୍ତ ଧକ୍କା । ତତ୍କାଳ ପ୍ରଭାବରୁ ତାଙ୍କୁ ମିଶନ ଶକ୍ତି ବିଭାଗର ସଚିବ ପଦରୁ ହଟାଇବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ କଳ ଓ କ୍ଷମତାର ଦୁରୁପଯୋଗ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବିଜେଡି ସପକ୍ଷରେ ଭୋଟ୍ ଦେବା ଚାପ ପକାଇବା ସୁଜାତାଙ୍କୁ ମହଙ୍ଗା ପଡିଛି । ବିଜେପି ଆଜି ନିର୍ବାଚନ କମିଶନଙ୍କୁ ଭେଟି ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇର୍ ଦାବି କରିଥିଲା । ନିର୍ବାଚନ କମିଶନ ବିଳମ୍ବିତ ରାତିରେ ସୁଜାତାଙ୍କୁ ସର୍ବସାଧାରଣ ଲୋକଙ୍କ ସହ ଜଡିତ ନଥିବା ବିଭାଗକୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।ଇଂରାଜୀ ସମ୍ବାଦପତ୍ର ଟାଇମ୍ସ ଅଫ ଇଣ୍ଡିଆର ବରିଷ୍ଠ ସମ୍ପାଦକ ଭାରତୀ ଜୈନ ଆଜି ନିଜ ଏକ୍ସ ହ୍ୟାଣ୍ଡଲ ମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ପଦରୁ ସୁଜାତା ଆର କାର୍ତ୍ତିକେୟନଙ୍କୁ ତତ୍କାଳ ପ୍ରଭାବରୁ ହଟାଇ ଦେବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସୁଜାତାଙ୍କୁ ସର୍ବସାଧାରଣ ଲୋକଙ୍କ ସହ ଜଡିତ ନଥିବା ବିଭାଗକୁ ବଦଳି ପାଇଁ କହିଛନ୍ତି । ସରକାରୀ କଳ ଓ କ୍ଷମତାର ଦୁରୁପଯୋଗ କରିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଭାରତୀ ସୂଚନା ଦେଇଛନ୍ତି । ଟାଇମ୍ସ ଅଫ ଇଣ୍ଡିଆ ପକ୍ଷରୁ ଭାରତୀ ନୂଆଦିଲ୍ଲୀରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସମେତ ଗୃହ ମନ୍ତ୍ରଣାଳୟ, କାର୍ମିକ ମନ୍ତ୍ରଣାଳୟ ଆଦି ପାଇଁ ରିପୋର୍ଟିଂ କରନ୍ତି ।

## ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଅଞ୍ଜନି ସୋରେନଙ୍କୁ ପ୍ରାର୍ଥୀ କଲା ଜେଏମ୍ଏମ୍

ରାଇରଙ୍ଗପୁର,୨।୫(ପି.ଏନ): ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କଲା ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) । ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭଉଣୀ ଅଞ୍ଜନୀ ସୋରେନଙ୍କୁ ପ୍ରାର୍ଥୀ କରିଛି ଦଳ । ବିଜେପି ପ୍ରାର୍ଥୀ ନବଚରଣ ମାଝି ଓ ବିଜେଡି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ଟକ୍କର ଦେବାକୁ ପ୍ରସ୍ତୁତ ଜେଏମଏମ ପ୍ରତିଷ୍ଠାତା ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ । ଏଥର ମୟୂରଭଞ୍ଜ ଲୋକସଭା ଆସନରେ ଜୋରଦାର ଫାଇଟ ଦେଖିବାକୁ ମିଳିବ । ଦ୍ୱିତୀୟ ଥର ପାଇଁ ଏହି ଆସନରୁ ପ୍ରାର୍ଥୀ ହୋଇଛନ୍ତି ଅଞ୍ଜନୀ ସୋରେନ ।୨୦୧୯ ସାଧାରଣ ନିର୍ବାଚନରେ ଅଞ୍ଜନି ସୋରେନ ମୟୂରଭଞ୍ଜ ଲୋକସଭା ଆସନରୁ ଜେଏମ୍ଏମ୍ ପ୍ରାର୍ଥୀ ଭାବରେ ଲଢିଥିଲେ । ସେ ୧,୩୫,୫୫୨ ଭୋଟ ପାଇ ତୃତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ । ବିଜେପିର ବିଶେଶ୍ୱର ଟୁଡୁ ୪ ଲକ୍ଷ ୮୩ ହଜାର ୮୧୨ ଭୋଟ ପାଇ ବିଜୟୀ ହୋଇଥିଲେ । ବିଜେଡି ପ୍ରାର୍ଥୀ ଦେବାଶିଷ ମାରାଣ୍ଡି ୪ ଲକ୍ଷ ୩୫ ହଜାର ୫୫୬ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ୨୦୧୯ ରେ ମୟୂରଭଞ୍ଜ ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଦେଇନଥିଲା ।୨୦୧୪ ଲୋକସଭା ନିର୍ବାଚନରେ ମୟୂରଭଞ୍ଜରୁ ଦେବାଶିଷ ମାରାଣ୍ଡିଙ୍କୁ ପ୍ରାର୍ଥୀ କରିଥିଲା ଜେଏମଏମ । ୧୭୨୯୮୫ ଭୋଟ ପାଇଁ ଦଳ ତୃତୀୟ ସ୍ଥାନରେ ରହିବା ସହ ପରଜାତି ହୋଇଥିଲା । ବିଜେଡିର ରାମଚନ୍ଦ୍ର ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଥିଲେ । ୨୦୦୯ ଲୋକସଭା ନିର୍ବାଚନରେ ଜେଏମଏମରୁ ସୁଦାମ ମାରାଣ୍ଡି ପ୍ରାର୍ଥୀ ହୋଇଥିଲେ । ୧,୯୦,୪୭୦ ପାଇଁ ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ । ବିଜେଡିର ଲକ୍ଷ୍ମଣ ଟୁଡୁ ସେହି ସମୟରେ ବିଜୟୀ ହୋଇଥିଲେ । ଲଗାତାର ତିନୋଟି ନିର୍ବାଚନ ଲଢି ଜେଏମଏମ ପରାଜିତ ହୋଇଥିବା ବେଳେ ଚଳିତ ନିର୍ବାଚନରେ ଦଳ ବିଜୟୀ ହେବ ବୋଲି ଆଶାବାଦୀ । ପୁଣି ଥରେ ଅଞ୍ଜନୀ ସୋରେନଙ୍କ ଉପରେ ଭରସା କରିଛି ଦଳ । ଏହି ଆସନ ଚଳିତ ନିର୍ବାଚନରେ କାହା ଖାତାକୁ ଯାଉଛି ତାଉପରେ ସମସ୍ତଙ୍କ ନଜର । ବର୍ତ୍ତମାନ ସୁଦ୍ଧା ଏହି ଆସନ୍ନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ ।

## ୬ ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି; ନାହିଁ ଦେବାଶିଷ ଓ ସୌମ୍ୟଙ୍କ ନାଁ





ଭୁବନେଶ୍ୱର,୨।୫(ପି.ଏନ): ଆଉ ୬ଟି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରିଛି ବିଜେପି । ଘସିପୁରାରୁ ଦଳ ଶମ୍ଭୁନାଥ ରାଉତଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଭୋଗରାଇରୁ ଆଶିଷ ପାତ୍ର, ଭଣ୍ଡାରୀପୋଖରୀରୁ ସୁଧାଂଶୁ ନାୟକ, ବରୀରୁ ଉମେଶ ଚନ୍ଦ୍ର ଜେନା, ବାରବାଟୀ କଟକରୁ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବେଗୁନିଆରୁ ପ୍ରକାଶ ରଣବିଜୁଳିଙ୍କୁ ଟିକେଟ ଦେଇଛି । ଘସିପୁରରାରୁ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେପି ପ୍ରାର୍ଥୀ କରିବ ବୋଲି କିଛି ଦିନ ହେବ ଚର୍ଚ୍ଚା ହେଉଥିଲା । ତେବେ ସେମିତି କିଛି ହୋଇନାହିଁ । ସେହିଭଳି ବିଜେଡି ଛାଡି ବିଜେପିରେ ମିଶିଥିବା ଦେବାଶିଷ ନାୟକଙ୍କୁ ବରୀରୁ ଟିକେଟ ଦେଇନି ଦଳ । ଦେବାଶିଷ ସେଠାରୁ ବିଜେଡି ଟିକେଟରେ ୪ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୦, ୨୦୦୪,୨୦୦୯ ଓ ୨୦୧୪ରେ ସେ ବରୀରୁ ନିର୍ବାଚିତ ହୋଇଥିଲେ । ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇ ନଥିଲା ।

## କଂଗ୍ରେସ ଗଡରେ ମନ୍ତ୍ରୀ ଦୀନେଶ ପ୍ରତାପ ସିଂହଙ୍କୁ ପ୍ରାର୍ଥୀ କଲା ବିଜେପି

ଭୁବନେଶ୍ୱର,୨।୫(ପି ଏନ): କଂଗ୍ରେସର ଗଡ ଭାବେ ପରିଚିତ ଉତ୍ତର ପ୍ରଦେଶର ରାଏବରେଲୀ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେପି । ଉତ୍ତର ପ୍ରଦେଶ ସରକାରରେ ମନ୍ତ୍ରୀ ଥିବା ଦୀନେଶ ପ୍ରତାପ ସିଂହଙ୍କୁ ବିଜେପି ଏଠାରେ ଟିକେଟ ଦେଇଛି ।୨୦୧୪ ଓ ୨୦୧୯ରେ ପୂରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲହର ଦେଖିବାକୁ ମିଳିଥିଲା । ହେଲେ ରାଏ ବରେଲୀରେ ବିଜେପି ଜିତି ପାରି ନଥିଲା । ଏହା ଗାନ୍ଧି ପରିବାରର ଗଡ ଭାବେ ପରିଚିତ ଥିଲା ଓ ମୋଦି ଲହରରେ ମଧ ସୋନିଆ ଗାନ୍ଧି ଏଠାରୁ ଜିତିଥିଲେ ।କିନ୍ତୁ ୨୦୨୪ରେ ଚିତ୍ର ବଦଳିଛି । ସୋନିଆ ଏଥର ଲଢୁ ନାହାନ୍ତି । ଆସନ୍ତାକାଲି ନାମାଙ୍କନପତ୍ର ଦାଖଲ କରିବାର ଶେଷ ତାରିଖ ହୋଇଥିବା ବେଳେ ଏଯାଏ କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣା କରିନି । ଏସବୁ ଭିତରେ ଦୀନେଶଙ୍କୁ ମୈଦାନକୁ ଓହ୍ଲାଇଛି ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଜନ୍ମ ନେଲେ। ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ




ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମା ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଶୈଳରାଣୀ ସିମଳା

ସମୁଦ୍ର ପଉନ ରୁ ପ୍ରାୟ ସାତ ହଜାର, ଦୁଇଶହ ଫୁଟ ଉଚ୍ଚତାରେ, ସିମଳା ଶୈଳ ନିବାସ ହିମାଳୟ କୋଳରେ ସାତ ପାହାଡ ଶିରରେ ଅବସ୍ଥିତ । ଏହା କାଲକା ଠାରୁ ୮୮କିମି, ଚଣ୍ଡିଗଡ ଠାରୁ ୧୧୫ କିମି, ମାନାଲି ଠାରୁ ୨୪୫ କିମି, ଚଣ୍ଡିଗଡ ଠାରୁ ୧୪୫ କିମି ଓ ଦିଲ୍ଲୀ ଠାରୁ ୩୪୫ କିମି ଦୂରରେ ରହିଚି । ସାତଟି ପାହାଡର ଶିଖରରେ ସିମଳା ଅବସ୍ଥିତ । ସେଗୁଡିକ ହେଲା, ଜାଖୁ ହିଲ, ପ୍ରସପେକ୍ଟସ ହିଲ, ସମର ହିଲ, ବାନୋଟି ହିଲ, ମଇନଭେରାନ ହିଲ, ଅବଜରଭେଟୋରି ହିଲ, ଇଲୁସିଅମ ହିଲ । ବର୍ତମାନ ଏହା ହିମାଚଳ ପ୍ରଦେଶର ରାଜଧାନୀ ହୋଇଛି । ସ୍ୱାଧିନତା ପରେ କିଛିଦିନ ପାଇଁ ପୂର୍ବ ପଞ୍ଜାବର ମଧ୍ୟ ରାଜଧାନୀ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏଠାରେ ତିନି ବର୍ଷ ପାଇଁ ପ୍ରବାସୀ ବର୍ମା ସରକାର କାମ କରୁଥିଲା ।

ଏହା ପାଖରେ ଥିବା କାଳିବାଡିର ଶ୍ୟାମଳା ଦେବୀ ବା ଶ୍ୟାମା କାଳୀ ଦେବୀଙ୍କ ନାମ ଅନୁସାରେ ସହର ନାମ ସିମଳା ହୋଇଚି।





୧୮୦୦ ମସିହା ପୂର୍ବରୁ ଏହା ଜନଶୂନ୍ୟ ଇଲାକା ଥିଲା । ଅଳ୍ପ କେତେକ ସ୍ଥାନୀୟ ପାହାଡି ଲୋକ କୁଡିଆ କରି ରହୁଥିଲେ । ଏହି ଇଲାକା ନେପାଳ ଥାପା ରାଜାଙ୍କ ଶାସନାଧିନ ଥିଲା ।୧୮୧୪ ମସିହାରେ ଇଂରେଜ ମାନଙ୍କ ଜେନେରାଲ ଅକ୍ଟେରଲେନି ଗୁର୍ଖାମାନଙ୍କୁ ପରାସ୍ତ କରି, ସଉଗୁଲି ଚୁକ୍ତି ଦ୍ୱାରା ଏହି ଅଂଚ-ଳର ମାଲିକାନା ଗ୍ରହଣ କଲେ । ଇଂରେଜ ମାନେ ଆସିଲା ପରେ ଗ୍ରୀଷ୍ମ ଦିନେ ଗାଙ୍ଗେୟ ସମତଳର ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ସେମାନେ ଶୀତଳ ଉଚ୍ଚ ସ୍ଥାନର ସନ୍ଧାନ ନେଲେ । ସିମଳାର ପ୍ରାକୃତିକ ଘ- ଜଙ୍ଗଲ, ତୁଷାରାବୃତ ଶୃଙ୍ଗର ପରିବେଶ ତାଙ୍କୁ ବେଶ ସୁହାଇଲା । ଛୋଟ ଛୋଟ କଟେଜ, ହୋଟେଲମାନ ଗଢି ଉଠିଲା । ଗ୍ରୀଷ୍ମର ଆଗମନରେ ଦଳଦଳ ୟୁରୋପୀୟମାନେ ଏଠାରେ ରୁଣ୍ଡ ହେଲେ । ସେମାନଙ୍କ ସେବା



ପାଇଁ ଭାରତୀୟମାନେ କୁଲି, ଖଲାସୀ, ଅଶ୍ୱଚାଳକ, ଧୋବା, ରୋଷାୟା, ଦୋକାନୀ ଭଳି କାମ କରି ଦୁଇପଇସା ରୋଜଗାର ପାଇଁ ମଧ୍ୟ ଆସିଲେ । ଶେଷରେ କଳିକତାରୁ ରାଜଧାନୀ ଗ୍ରୀଷ୍ମକାଳରେ ସିମଳାକୁ ଗଭର୍ଣ୍ଣର ଜେନେରାଲ ଲର୍ଡ ଲରେନସଙ୍କ ସମୟରେ ଉଠିଗଲା (୧୮୬୧ ମସିହା)। ଗଭର୍ଣ୍ଣର ଜେନେରାଲ, ସୈନ୍ୟ ମୁଖ୍ୟ ଓ ତାଙ୍କର ଅଧସ୍ତନ କର୍ମଚାରୀମାନେ ସେଠାକୁ ଗଲେ । ସିମଳାରେ ସେମାନଙ୍କ ପାଇଁ ଗଥିକ, ଭିକ୍ଟୋରିଆନ ଓ ଟ୍ୟୁଡର ଶୈଳୀରେ ଉଚ୍ଚ ମିନାର, ଖିଲାଣ, ବଡଝରକା ଦ୍ୱାରା ଥାଇ କାଠ ଓ ଇଟା ପଥରର କୋଠାମାନ ତିଆରି ହେଲା । ଚର୍ଚ୍ଚମାନ ମଧ୍ୟ ପ୍ରତିଷ୍ଠା ହେଲା । ଅନେକ ବିଳାସପୂର୍ଣ୍ଣ ହୋଟେଲ, ଗଲ୍‌ଫ କୋର୍ଟ, ଘୋଡା ପଡିଆ, ବରଫ ସ୍କେଟିଙ୍ଗ ପଡିଆ, ବଲ ଡ୍ୟାନସ ରୁମ, ବିପଣୀମାନ ଆରମ୍ଭ ହେଲା । ଅନେକ ୟୁରୋପୀୟ ସ୍ଥାୟୀ ଭାବରେ ରହିଗଲେ । ସମତଳ ରାଜ୍ୟରୁ ଗୋରାଙ୍କ ସହ ସାଥିଦେବା ପାଇଁ ଅନେକ ଦେଶୀୟ ରାଜା ମାନେ ମଧ୍ୟ ଆସିଲେ । ହଜାର, ହଜାର ଭାରତୀୟ କୁଲି ସାହେବମାନଙ୍କର ବିଳାସ ସାମାଗ୍ରୀ, ପୋଷାକ ପତ୍ର ଖାଦ୍ୟ, ମଦ ବୋତଲ, ଅଫିସ ଫାଇଲମାନ ବୋହି ପାହାଡ ଉପରକୁ ଯାଉଥିଲେ । ରାଜଧାନୀ କଳିକତା ସେଠାରୁ ହଜାର ମାଇଲ ଥିଲା । ତାତି କମିଲେ ପୁଣି ସେମାନେ କଳିକତା ଫେରୁଥିଲେ ।

ସରକାରୀ ତହବିଲରୁ ଅଜସ୍ର ଅର୍ଥ ବ୍ୟୟ ହେଉଥିଲା, ସାହେବମାନଙ୍କୁ ଥଣ୍ଡା ରଖିବା ପାଇଁ । ସାରା ଭାରତରେ ଦୁର୍ଭିକ୍ଷର କରାଳ ଛାଇ ଘୁରି ବୁଲୁଥିଲା ବେଳେ ଏଠାରେ ଦଳେ



ଦିନରାତି ମଉଜ ମଜଲିସରେ ବୁଡି ରହୁଥିଲେ । ହଜାର ହଜାର ବେଶ୍ୟାମାନେ ମଧ୍ୟ ଏହି ଧନକୁବେରଙ୍କୁ ଆକୃଷ୍ଟ କରି ନିଜ ପେଟ ପୋଷିବା ପାଇଁ ଡେରା ପକାଉଥିଲେ । ଅନେକ କୁମାରୀ ନିଜ ପସନ୍ଦର ସାଥି ପାଇବା ପାଇଁ



ଏଠାକୁ ଆସୁଥିଲେ । ୧୯୦୩ ମସିହାରେ ଅନେକ ଅର୍ଥ ବ୍ୟୟ କରି ସିମଳାକୁ ଏକ ରେଳପଥ ଦ୍ୱାରା ସଂଯୋଗ କରାଗଲା । ସମତଳର କାଲକା ଷ୍ଟେସନରୁ ଏହାର ଦୂରତା ୧୦୦ କିମି । ୭୮୦ଟି ପୋଲ ଓ ୧୦୦ ଟନେଲ ଦେଇ ଏହି ରେଳପଥ ନିର୍ମିତ ହୋଇଥିଲା । ପ୍ରାୟ ୬ ଘଂଟା ସମୟ ଯିବାକୁ ଲାଗେ । ଅନେକ ଐତିହାସିକ ସମ୍ମିଳନୀର ଚିହ୍ନ ସିମଳାରେ ରହିଚି । ୧୮୩୩ ମସିହାରେ ଗଭର୍ଣ୍ଣର ଜେନେରାଲ ଲର୍ଡ ବେଂଟିକ ଓ ମହାରାଜା ରଣଜିତ ସିଂଙ୍କ ମଧ୍ୟରେ ଏଠାରେ ଆଲୋଚନା ହୋଇଥିଲା । ୧୯୧୪ ମସିହାରେ ଚୀନ୍, ତିବ୍‌ବତ ଓ ଭାରତ ମଧ୍ୟରେ ସୀମା ନିର୍ଦ୍ଧାରଣ କମିଟି ବସି ମାକ୍‌ମୋହନ ଲାଇନ ଟଣା ହୋଇଥିଲା । ୧୯୪୪ ମସିହାରେ ଲର୍ଡ ଓ୍ୱେଭେଲ ଭାରତର ସ୍ୱାଧୀନତା ବିଷୟରେ ଆଲୋଚନା ପାଇଁ କ୍ୟାବିମେଟ ମିଶନ ସହ ଭାରତୀୟ ନେତାଙ୍କ ବୈଠକ ଏଠାରେ ବସାଇଥିଲେ ।।୧୯୭୨ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଓ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଜେଡଏ ଭୁଟୋଙ୍କ ମଧ୍ୟରେ ପାକିସ୍ତାନୀ ଯୁଦ୍ଧବନ୍ଦୀ ମୁକ୍ତି ନେଇ ସିମଳା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସିମଳାଠାରେ ଦକ୍ଷିଣ ଏସିଆର ସର୍ବବୃହତ ବାଇକ ରାଲି ଅନୁଷ୍ଠିତ ୨୦୦୬ ମସିହାରୁ ହୋଇଆସୁଛି (ହିମାଳୟାନ ବାଇକ ରାଲି) । କାଲକା ସିମଳା ରେଳକୁ ୟୁନେସ୍କୋ ହେରିଟେଜରେ ସଂରକ୍ଷିତ ସ୍ଥାପତ୍ୟ ରୂପେ ଗ୍ରହଣ କରାଯାଇଛି । କାଶ୍ମୀର ଉପତ୍ୟକାରେ ଆତଙ୍କବାଦ କାର୍ଯ୍ୟକଳାପ ହେତୁ ଅନେକ ପର୍ଯ୍ୟଟକ ସିମଳାର ଶାନ୍ତ ପରିବେଶରେ ସମୟ କଟାଇବାକୁ ପସନ୍ଦ କରୁଛନ୍ତି । ସିମଳାରେ ଥିବା ଦର୍ଶନୀୟ ଓ ଐତିହାସିକ ସ୍ଥାନ ହେଲା, ଭାଇସେରାଲ ଲଜ, ଆସେମ୍ବଲି ଚାମ୍ବର, ଅକଲାଣ୍ଡ ହାଉସ, କ୍ରୀଷ୍ଟ ଚର୍ଚ୍ଚ କର୍ଟନ କାସଲ, ଗେଟି ହାଉସ, ସିମଳା ଥିଏଟର ମାଲ ବିପଣୀ, ହନୁମାନ ଯୋଥା, ତାରାଦେବୀ ମନ୍ଦିର, କାଳୀ ବାଡି ଶ୍ୟାମା କାଳୀ ମନ୍ଦିର, ଇଣ୍ଡିଆନ ଆଡଭାନସ ଷ୍ଟଡି ସେଂଟର, ଆର୍ମି ମ୍ୟୁଜିଅମ । ସିମଳାର ମାଲ ବିପଣୀରେରେ ସମସ୍ତ ପଦାର୍ଥ ମିଳେ । ଏଠାକୁ ଚାଲି ଚାଲି ଯିବାକୁ ହୁଏ । ଆଗରୁ କେବଳ ଭାଇସରାୟ ଓ ତାଙ୍କ ସ୍ତ୍ରୀଙ୍କ ଗାଡି ଯିବାକୁ ଅନୁମତି ଥିଲା । ସିମଳାର ଉପର, ମଝି ଓ ତଳ ବଜାରକୁ ଟନେଲ ଦ୍ୱାରା ଯୋଡାଯାଇଛି । ଜସୟଶର ହେଉଚି ଏକ ସମତଳ ଯାଗା, ମାଲ ପାର୍ଶ୍ୱରେ ରହିଚି । ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ହୋଇଥାଏ । ଗ୍ରୀଷ୍ମ ଦିନରେ ଏଠାରେ ସିମଳା ଫେଷ୍ଟିଭାଲ ଅନୁଷ୍ଠିତ ହେଉଚି । ଏଠାରେ ଭାରତ ସ୍କାଉଟ ଓ ଗାଇଡର ମୁଖ୍ୟ କାର୍ଯ୍ୟାଳୟ ରହିଚି । ନେଡାଲାଠାରେ ଘୋଡାଦୌଡ (Horse Race)ହୋଇଥାଏ । ଏଠାରେ ହେଲିପାଡ ଅଛି । ପ୍ରଥମ ଡୁରାଣ୍ଡ ଫୁଟବଲ କପ ଖେଳ ଏଠାରେ ୧୮୮୮ ମସିହାରେ ହୋଇଥିଲା । କ୍ରୀସ ଠାରେ ଆଇସ ସ୍କେଟିଙ୍ଗ ପଡିଆ ଅଛି । ରାଜ ସମୟର ଗୌରବ ନଥରଲେ ସିମଳା ଏବେ ମଧ୍ୟ ଅସଖ୍ୟ ଭ୍ରମଣକାରୀ ଙ୍କୁ ଆକର୍ଷିତ କରୁଅଛି ।

# ଯଶସ୍ୱୀ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ



ଭାରତୀୟ ଦର୍ଶନ, ସାହିତ୍ୟ, ସଂସ୍କୃତି, ଧର୍ମ, କଳା ଓ ରାଜନୀତି କ୍ଷେତ୍ରରେ ପରାକାଷ୍ଠା ପ୍ରଦର୍ଶନ କରିଥିବା ପୃଥିବୀର ବୌଦ୍ଧିକ ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ, ବହୁମୁଖୀ ପ୍ରତିଭାର ଅଧିକାରୀ, ଆଦର୍ଶ ଶିକ୍ଷକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମଦିନକୁ ସେପ୍ଟେମ୍ବର ମାସ ୫ ତାରିଖରେ ୧୯୬୨ ମସିହାରୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ କରାଯାଉଛି । ସର୍ବପଲ୍ଲୀ ରାଧାକୃଷ୍ଣନ ୫ ସେପ୍ଟେମ୍ବର ୧୮୮୮ରେ ମାନ୍ଦ୍ରାଜର ଉତ୍ତର ପଶ୍ଚିମକୁ ଚାଳିଶ ମାଇଲ ଦୂର କ୍ଷୁଦ୍ରପଲ୍ଲୀ ତୁରୁଭାଣୀ ଠାରେ ଏକ ସାଧାରଣ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବୀରସ୍ୱାମୀ ଥିଲେ ଜଣେ ପୂଜକ ଓ ଗ୍ରାମ ଅବଧାନ। ସଞ୍ଜ ହେଲେ ରାଧାକୃଷ୍ଣନ ଘରୁ ପଦାକୁ ବାହାରୁ ନଥିଲେ, ବରଂ ନିରୋଳାରେ ଏକୁଟିଆ ରହିବାକୁ ଭଲ ପାଉଥିଲେ ଓ ପ୍ରତିଦିନ ସାବଧାନତା ସହ ଚଳିବାକୁ ପସନ୍ଦ କରୁଥିଲେ।

ଭେଲୋରରେ ଏଫ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାନ୍ଦ୍ରାଜର ଖ୍ରୀଷ୍ଟିଆନ କଲେଜରେ ନାମ ଲେଖାଇ ସେଠାରେ ଦର୍ଶନ ଶାସ୍ତ୍ରରେ ସମ୍ମାନର ସହ ଖୁବ୍ ଭଲ ନମ୍ବର ରଖି ବି.ଏ. ପାଶ୍ କଲେ। ଅର୍ଥାଭାବ ତାଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା। କିନ୍ତୁ ଦୁଃଖକଷ୍ଟ, ଅଭାବ ଅସୁବିଧା ମଧ୍ୟରେ ରହି ମାତ୍ର ୨୦ ବର୍ଷ ବୟସରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ସ୍ନାତକୋତ୍ତର ପାଶ୍ କଲେ। ଶିକ୍ଷା ପରିସମାପ୍ତି ପରେ ମାତ୍ର ୨୧ ବର୍ଷ ବୟସରେ ୧୯୦୯ରେ ମାନ୍ଦ୍ରାଜର ପ୍ରେସିଡେନ୍ସି କଲେଜରେ ଦର୍ଶନ ଶାସ୍ତ୍ରର ସହକାରୀ ଅଧ୍ୟାପକ ପଦରେ ଯୋଗଦେଲେ। ଦର୍ଶନ ଶାସ୍ତ୍ରରେ ଅଗାଧ ଜ୍ଞାନ, ଛାତ୍ରବତ୍ସଳତା ତଥା ନିରହଙ୍କାର ସ୍ୱଭାବ ଯୋଗୁଁ ସୁଖ୍ୟାତି ଅର୍ଜନ କରି ସବୁ ମହଲରେ ସେ ଆଦୃତି ଲାଭ କରିଥିଲେ। ୧୯୧୦ ମସିହାରେ ସୈଦାପେଟସ୍ଥିତ ଶିକ୍ଷକ ତାଲିମ କଲେଜରୁ ଅଧିକ ନମ୍ବର ରଖି ଏଲ.ଟି. ଡିଗ୍ରୀ ଲାଭ କଲେ। ପ୍ରେସିଡେନ୍ସି କଲେଜରେ ୮ ବର୍ଷ ରହିବା ପରେ ୧୯୧୯ରେ ମହୀଶୁର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ବିଭାଗୀୟ ମୁଖ୍ୟ ଭାବରେ ଯୋଗଦେଲେ। ଏହି ସମୟରେ ତାଙ୍କର ଗବେଷଣା ସମ୍ବଳିତ ଉଚ୍ଚକୋଟୀର ଦାର୍ଶନିକ ପ୍ରବନ୍ଧମାନ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ ଏଥିକ୍ସ, ମନିଷ୍ଟ, କ୍ଲେଷ୍ଟ ସମେତ ଦେଶର ବିଭିନ୍ନ ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶିତ ହେଲା। କ୍ରମେ ସର୍ବଭାରତୀୟ ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ ଦାର୍ଶନିକ ଭାବରେ ସ୍ୱୀକୃତି ଲାଭ କରି ବିପୁଳ ପ୍ରଶଂସା ଲାଭ କରିଥିଲେ।

୧୯୨୧ରେ ରାଧାକୃଷ୍ଣନ ମହୀଶୂରରୁ କଲିକତା ଯାଇ ସେଠାରେ ୧୯୩୧ ମସିହା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟର ସମ୍ରାଟ ପଞ୍ଚମ ଜର୍ଜ ଦର୍ଶନ ଚେୟାର ପ୍ରଫେସର ପଦବୀରେ ଅଧିଷ୍ଠିତ ହୋଇଥିଲେ। ସେ ପି.ଏଚ୍.ଡି ଏବଂ ଡି.ଏସ.ସି ଉପାଧି ମଧ୍ୟ ପାଇଥିଲେ। ୧୯୨୬ରେ ଅକ୍ସଫୋର୍ଡ ମାଞ୍ଚେଷ୍ଟର ମହାବିଦ୍ୟାଳୟ ତରଫରୁ ହିନ୍ଦୁ ଜୀବନର ଦର୍ଶନ ଉପରେ ଏକ ବକ୍ତୃତା ପ୍ରଦାନ ପାଇଁ ନିମନ୍ତ୍ରିତ ହୋଇଥିଲେ। କଲିକତା ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କାଳରେ ରାଧାକୃଷ୍ଣନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦର୍ଶନ କଂଗ୍ରେସରେ ପ୍ରତିନିଧିତ୍ୱ କରିଥିଲେ। ୧୯୨୯ରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମାଞ୍ଚେଷ୍ଟର ମହାବିଦ୍ୟାଳୟର ପ୍ରାଚ୍ୟ ଧର୍ମ ବିଭାଗରେ ଅଧ୍ୟାପକ ରୂପେ ଯୋଗଦେଇ ଧର୍ମ-ନୀତି, ଆଦର୍ଶ ଉପରେ ପର୍ଯ୍ୟବେଶିତ ଅନେକ ନିବନ୍ଧ ଉପସ୍ଥାପନା ପାଇଁ ସୁଯୋଗ ପାଇଥିଲେ। ଆଦର୍ଶ ଓ ନୈତିକତାକୁ ମୂଳନୀତି କରି ସଭ୍ୟତା ଗଢ଼ିଉଠେ ବୋଲି ସେ ପ୍ରତିପାଦିତ କରିଥିଲେ। କିଛିକାଳ ପାଇଁ ସେ ଚିକାଗୋ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପକ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ। ଅଧ୍ୟାପକ ରୂପେ ରାଧାକୃଷ୍ଣନଙ୍କ ଅଧ୍ୟୟନ ଓ ଅଧ୍ୟାପନା ସ୍ମରଣୀୟ। ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବିକାଶ ପାଇଁ ସେ କାର୍ଯ୍ୟ କରିଥିଲେ। ୧୯୩୫ରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ହେଲେ। କୁଳପତିତ୍ୱ ସମୟରେ ପ୍ରଶାସନିକ ପରିଚାଳନାଗତ ଦକ୍ଷତା ଯୋଗୁଁ ସେ ମହାତ୍ମା ଗାନ୍ଧୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଗାନ୍ଧିଜୀଙ୍କ ପରାମର୍ଶ ଅନୁଯାୟୀ ମଦନମୋହନ ମାଲବ୍ୟ ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଗ୍ରହଣ କରିବା ପାଇଁ ଅନୁରୋଧ କରିବାରୁ ସେ ୧୯୩୯ରୁ ୧୯୪୮ ପର୍ଯ୍ୟନ୍ତ ଏହି ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ୧୯୪୪ରେ ଇଣ୍ଡିଆ-ଚାଇନା ଏଜୁକେସନ, ପଲିଟିକ୍ସ ଆଣ୍ଡ ଓ୍ୱାର ଇତ୍ୟାଦି ତାଙ୍କର ବହୁ ଉପାଦେୟ ପୁସ୍ତକ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଚଳିତ ପାଠ୍ୟକ୍ରମରେ ପ୍ରଚଳିତ ହୋଇଥିଲା। ଭାରତୀୟ ଦର୍ଶନ କଂଗ୍ରେସର ସଭାପତି, ମିଳିତ ଜାତିସଂଘ ଶିକ୍ଷା ଓ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ଅଧ୍ୟକ୍ଷ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ଶିକ୍ଷାକ୍ଷେତ୍ରରେ ଥିବା ସମସ୍ୟା ଓ ତ୍ରୁଟିବିଚ୍ୟୁତିକୁ ଭଲଭାବେ ଅନୁଧ୍ୟାନ କରି ଶିକ୍ଷାକ୍ଷେତ୍ରରେ ଥିବା ବିଭିନ୍ନ ଆବଶ୍ୟକତା କିପରି ପୂରଣ କରାଯାଇପାରିବ ସେ ସମ୍ପର୍କରେ ସରକାରଙ୍କୁ ବହୁ ଗଠନମୂଳକ ତଥା ଉପାଦେୟ ରିପୋର୍ଟ ପ୍ରଦାନ କରିଥିଲେ।

ଏକାଧାରରେ ରାଧାକୃଷ୍ଣନ ଜଣେ ଆଦର୍ଶ ଶିକ୍ଷକ, ସଫଳ ପ୍ରଶାସକ, ବିଶ୍ୱବିଖ୍ୟାତ ଦାର୍ଶନିକ, କୁଟନୀତିଜ୍ଞ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ, ସୁବକ୍ତା, ସମାଲୋଚକ, ସଂସ୍କାରକ, ଶିକ୍ଷାବିତ୍ ତଥା ମାନବବାଦର ମହାନ ପ୍ରବକ୍ତା ଥିଲେ। ବ୍ରିଟିଶ ଏକାଡେମୀ ତାଙ୍କୁ ଫେଲୋସିପ୍ ଅଫ ଅଲ ସୋଲସ, ଏବଂ କଲିକତା ବିଶ୍ୱବିଦ୍ୟାଳୟ ଏଲ.ଏଲ.ଟି ଉପାଧି ପ୍ରଦାନ କରିଥିଲେ। ଆମେରିକାର ଏଡନବରୋ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟର ଅଫ ଲ, ବକିଂମହାମ ରାଜପ୍ରସାଦରେ ତାଙ୍କୁ ଦେଶର ସର୍ବୋଚ୍ଚ ଅଡର ଅଫ ମେରିଟ ପ୍ରଦାନ କରାଯାଇଥିବା ବେଳେ ମଙ୍ଗୋଲିଆ ସରକାର ଜ୍ଞାନଗୁରୁ, ଭାରତୀୟ ବିଦ୍ୟାଭବନ ତାଙ୍କୁ ବିଦ୍ୟାଭାସ୍କର ଉପାଧିରେ ଭୂଷିତ କରିଥିଲେ।

୧୯୪୯ରେ ଏହି ମହାନ ବ୍ୟକ୍ତି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହରଲାଲ ନେହେରୁଙ୍କ ଦ୍ୱାରା ସୋଭିଏତ ସଂଘ ରାଷ୍ଟ୍ରଦୂତ ଭାବରେ ଅବସ୍ଥାପିତ ହେଲେ। ଏହି ସମୟରେ ସେ ଉପନିଷଦକୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ। ସେତେବେଳେ ଷ୍ଟାଲିନ୍ ସୋଭିଏତ୍ ରୁଷର ସର୍ବମୟ କର୍ତ୍ତା ଥାଆନ୍ତି। ଆବଶ୍ୟକସ୍ଥଳେ ତାଙ୍କ ସହ ସାକ୍ଷାତ କରିବା ଜଣେ ସାଧାରଣ ପଦାଧିକାରୀଙ୍କ ପାଇଁ କଷ୍ଟସାଧ୍ୟ ବ୍ୟାପାର ଥିଲା। ମାତ୍ର ଭାରତର ଜଣେ ବିଶ୍ୱବିଖ୍ୟାତ ଦାର୍ଶନିକ ତାଙ୍କ ଦେଶକୁ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପାଇ ପ୍ରେରିତ ହୋଇଥିବା ଜାଣିବା ପରେ ଷ୍ଟାଲିନ୍ ନିଜ ତରଫରୁ ସାକ୍ଷାତକାର ପାଇଁ ରାଧାକୃଷ୍ଣନଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ତାଙ୍କ ଚେଷ୍ଟା ଯୋଗୁଁ ରୁଷ ଓ ଭାରତ ମଧ୍ୟରେ ଥିବା ବନ୍ଧୁତା ଅତି ସୁଦୃଢ ହୋଇପାରିଥିଲା।

# ଅମଡ଼ା ବାଟରେ ମଲାଜହ୍ନର ସତୀ

ସେ ଥିଲେ କୋକିଳକଣ୍ଠୀ। ନୃତ୍ୟରେ ନିପୁଣା ଆଉ ଅଭିନୟରେ ଅଦ୍ୱିତୀୟା। ଶିକ୍ଷାଦୀକ୍ଷାରେ ଧୁରନ୍ଧର ଆଉ ସାମାଜିକ ସଂପର୍କ ସ୍ଥାପନରେ ବିଚକ୍ଷଣ। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅମଡ଼ା ବାଟର ପଥିକ ହୋଇ ଅନ୍ୟ ମାନଙ୍କୁ ବାଟ କଢ଼ାଇ ଥିବା ବିଶିଷ୍ଟ ଅଭିନେତ୍ରୀ ଝରଣା ଦାସ ଆଉ ନାହାନ୍ତି।

ତାଙ୍କ କଣ୍ଠସ୍ୱର ବେଶ୍ ଚମତ୍କାର ଥିଲା। ଯିଏ ଥରେ ରେଡ଼ିଓରେ ତାଙ୍କ କଣ୍ଠସ୍ୱର ଶୁଣିଛି ସେ ଅନ୍ତତଃପକ୍ଷେ ଜୀବନ ଥିବା ଯାଏ ଭୁଲିବା ମୁସ୍କିଲ। ଯୁବତୀ ସମୟରେ ଯେଭଳି କଣ୍ଠ ଥିଲା, ବୟସର ଅପରାହ୍ନରେ ମଧ ସ୍ୱରର ଦମ୍ ଠିକ ସେହିଭଳି ରହିଥିଲା। ସେଥିପାଇଁ ରେଡ଼ିଓ ଅଭିନୟରେ ସେ ଥିଲେ ସର୍ବୋଚ୍ଚ ସ୍ତରରେ। ଏମିତିକି ୭୫ ବର୍ଷ ବୟସରେ ଆକାଶବାଣୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ୨୨ ବର୍ଷୀୟା ଯୁବତୀଙ୍କ ଭୂମିକାରେ ଶୁଣିବାକୁ ମିଳିଥିଲା। ଏକ ସାକ୍ଷାତକାରରେ ସେ କହିଥିଲେ, "ରେଡ଼ିଓ ମୋ ନିଜ ଘର ଭଳି ଥିଲା। ରେଡ଼ିଓରେ ବହୁତ ନାଟକ କରିଛି। ସେଠାରେ କାମ କରୁଥିବାବେଳେ ମୋତେ ଲାଗୁନଥିଲା ଯେ ମୁଁ କୌଣସି ପେଶାଗତ ବୃତ୍ତିରେ ରହିଛି।"

ତେବେ ସିନେମା ଅଭିନୟ କରିବା କଥା ସେ କେବେ ଭାବି ନଥିଲେ। ପଚାଶ ଦଶକର ଶେଷ ଭାଗରେ ବା ଷାଠିଏ ଦଶକ ଆରମ୍ଭରେ ରକ୍ଷଣଶୀଳ ସମାଜରେ ସିନେମାରେ ଅଭିନୟ କରିବା ଗ୍ରହଣୀୟ ନଥିଲା। ତା'ପରେ ସାଧାରଣ ପରିବାରର ସାଧାରଣ ଶ୍ୟାମଳୀ କିଶୋରୀ, ଯାହାଙ୍କ କେହି କେବେ ସିନେମା ସହ ସମ୍ପୃକ୍ତ ହୋଇ ନଥିଲେ, ସେ କେମିତି ଅଭିନୟ କଥା ଭାବିଥା'ନ୍ତେ? ସଂଗୀତ ପ୍ରତି ଆଗ୍ରହ ଥିଲା। ବାପାଙ୍କ ଗୀଟାର, ହାରମୋନିୟମକୁ ଘରେ ବସି ବଜାଉଥିଲେ ଝରଣା। ସେ ସମୟରେ ଝରଣା ସୀତାର ବି ଶିଖିଥିଲେ। ଅଥଚ ବିଧିବଦ୍ଧ ସଂଗୀତକୁ ଆସିଲେ ନାହିଁ। ମଞ୍ଚ ଓ ଆକାଶବାଣୀ ନାଟକ ଅଭିନୟ କରି ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ସ୍ନାତକ ପଢୁଥିବା ବେଳେ ଝରଣା ନାଟକର ଅଂଶ ହୋଇସାରିଥିଲେ। ଆଉ ସ୍ନାତକ ସରିବା ପରେ ଅଭିନେତା ଅକ୍ଷୟ ମହାନ୍ତିଙ୍କ ପରାମର୍ଶରେ ଝରଣା ଓଡ଼ିଆ ସିନେମାର ଅଂଶ ହୋଇଗଲେ। ଅକ୍ଷୟ ଥିଲେ ତାଙ୍କ ଟ୍ୟୁସନ ମାଷ୍ଟର। ଷାଠିଏ ଦଶକରେ ଚଳଚ୍ଚିତ୍ର ଦୁନିଆର ପ୍ରତିଭାବାନ କଳାକାର ଭାବେ ଜଣାଶୁଣା ହୋଇଯାଇଥିଲେ ଝରଣା। ଷାଠିଏ ଦଶକରେ ସେ ଥିଲେ ପ୍ରଥମ ଗ୍ରାଜୁଏଟ ଅଭିନେତ୍ରୀ।

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସେ ଥିଲେ ଜନାଦୃତ ଅଭିନେତ୍ରୀ। ସର୍ଜନଶୀଳା ଓ ସୃଜନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ। ବର୍ଷିୟାନ ସିନେ ଅଭିନେତ୍ରୀ ଭାବେ ଯେତିକି ଖ୍ୟାତି ଅର୍ଜନ କରିଥିଲେ, ବେତାର ଦୁନିଆର ସର୍ବୋଚ୍ଚ ଶ୍ରେଣୀଭୁକ୍ତ ନାଟ୍ୟଶିଳ୍ପୀ, ପ୍ରଯୋଜିକା ଭାବେ ପରିଚିତା ଥିଲେ ଝରଣା ଦାସ। ଦିନେ 'ଅମଡ଼ାବାଟ' ଚଳଚ୍ଚିତ୍ରରେ ନିଜ ଅଭିନୟ ଯାଦୁକରୀ ଦେଖାଇଥିବା ଝରଣା ଆଜି ଅମଡ଼ା ବାଟର ପଥିକ ସାଜିଗଲେ। ଝରଣାଙ୍କୁ ସମସ୍ତେ ଶ୍ରଦ୍ଧାରେ ଡାକୁଥିଲେ 'ଝୁମୁ'। ତାଙ୍କ ଘରେ ସେମାନେ ଥିଲେ ୧୦ ଭାଇ ଭଉଣୀ। ମା' ଲେଖିଥିବା ନାଟକକୁ ଘରେ ଖଟ ଯୋଡ଼ି ଓ ଶାଢ଼ୀ ଟାଣି ମଞ୍ଚ ଆକାରରେ ତିଆରି କରୁଥିଲେ। ତା' ଉପରେ ସବୁ ଭାଇ ଭଉଣୀ ମିଶି ଅଭିନୟ କରୁଥିଲେ। ଝରଣା ଦାସ ନରସିଂହ ମହାପାତ୍ରଙ୍କ ଏକ ନାଟକରେ ପ୍ରଥମଥର ପାଇଁ ନାୟିକା ଭାବେ ଅଭିନୟ କରିଥିଲେ। ତାଙ୍କ ବଡ଼ଭାଇଙ୍କ ଅନ୍ତରଙ୍ଗ ବନ୍ଧୁ ଅଭିନେତା ଅକ୍ଷୟ ମହାନ୍ତି ଓ ବିଶିଷ୍ଟ ସଂଗୀତଜ୍ଞ ଅକ୍ଷୟ ମହାନ୍ତି ଚାହୁଁଥିଲେ ଝୁମୁ ଅଭିନେତ୍ରୀ ହୁଅନ୍ତୁ। କଳାକାର ହେବାର କିଛି ପ୍ରତିଭା ପିଲାଦିନୁ ତାଙ୍କଠାରେ ଦେଖିବାକୁ ମିଳିଥିଲା। ସେ ଅନେକ ସମୟରେ ବାପାଙ୍କ ଗୀଟାର ଲୁଚାଇ ଲୁଚାଇ ବଜାଉଥିଲେ। ବିନା ତାଲିମରେ ସ୍କୁଲରେ ପଢୁଥିବା ସମୟରେ ଆକାଶବାଣୀ କଟକର 'ଶିଶୁ ସଂସାର' କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ଓଡ଼ିଶୀ ଶିକ୍ଷା କରିଥିଲେ ଝରଣା ଦାସ। ଚିତ୍ରୋତ୍ପଳକ ଦୀପକ ଦାସଙ୍କୁ ସେ ବିବାହ କରିଥିଲେ। ଚଳଚ୍ଚିତ୍ର ଦୁନିଆରେ ତାଙ୍କର ପ୍ରବେଶ ଓଡ଼ିଆ ସିନେ ଜଗତକୁ ଏକ ପ୍ରତିଭାବାନ ଅଭିନେତ୍ରୀ ଭେଟି ଦେଇଥିଲା। ଚଳଚ୍ଚିତ୍ର ବ୍ୟତୀତ ଆକାଶବାଣୀ, ଦୂରଦର୍ଶନ ସହିତ ସେ ଜଡ଼ିତ ରହିଥିଲେ। ଡ. ହରେକୃଷ୍ଣ ମହତାବଙ୍କ ଉପରେ ନିର୍ମିତ ଏକ ବୃତ୍ତଚିତ୍ରରେ ସେ ମଧ ନିର୍ଦ୍ଦେଶନା ଦେଇଥିଲେ।

ଅଭିନେତ୍ରୀ ଝରଣା ଦାସ ପ୍ରାୟ ୪୦ଟି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଶ୍ୟାମଳୀ ଥିବାରୁ ଚଳଚ୍ଚିତ୍ରରେ ସେ ଅଭିନୟ କରିବେ ବୋଲି କେବେବି ଭାବି ନଥିଲେ। ୧୯୬୨ରେ ସେ 'ମଲାଜହ୍ନ'ରେ ନାୟିକା ଭାବରେ ଅଭିନୟ କରିଥିଲେ। ତେବେ ଏହା ବହୁ ବିଳମ୍ବରେ ୧୯୬୫ରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ 'ସତୀ' ଚରିତ୍ର ତାଙ୍କୁ ଅଜସ୍ର ଲୋକପ୍ରିୟତା ଆଣି ଦେଇଥିଲା। ତେବେ ଏଥିପୂର୍ବରୁ ୧୯୬୩ରେ ଛାୟାବାଣୀ ପ୍ରତିଷ୍ଠାନର ଚଳଚ୍ଚିତ୍ର 'ଅମଡ଼ା ବାଟ' ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରରେ ମଧ ସେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ତେଣୁ 'ଅମଡା ବାଟ'କୁ ଝରଣାଙ୍କ ପ୍ରଥମ ସିନେମା ବୋଲି ବିବେଚନା କରାଯାଏ। ଏହାକୁ ବାଦ ଦେଲେ ୧୯୬୫ରେ 'ନବଜନ୍ମ', ୧୯୬୬ରେ 'ଅଭିନେତ୍ରୀ', ୧୯୭୦ରେ 'ଅଦିନ ମେଘ', ୧୯୭୮ରେ 'ଶ୍ରୀଜଗନ୍ନାଥ', ୧୯୮୧ରେ 'ଟିକେ ହସ ଟିକେ ଲୁହ', ୧୯୮୨ରେ 'ହିସାବ ନିକାଶ', 'ଜ୍ୱାଇଁ ପୁଅ', ୧୯୮୩ରେ 'ମହାସତୀ ସାବିତ୍ରୀ', ୧୯୮୫ରେ 'ପୂଜାଫୁଲ', ୧୯୮୬ରେ 'ନିନାଦ', 'ହୀରାନୀଳା', ୧୯୮୮ରେ 'ଲାଲପାନ ବିବି', 'କସ୍ତୁରୀ', ୧୯୮୪ରେ 'ସୁନାଭାଉଜ' ଭଳି ଅନେକ ଚଳଚ୍ଚିତ୍ରରେ ସେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ୨୦୦୯ରେ ମୁକ୍ତିଲାଭ କରିଥିବା 'ଆ ଜହ୍ନରେ ଲେଖିବା ନାଁ' ତାଙ୍କ ଶେଷ ଚଳଚ୍ଚିତ୍ର ଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୦୩

# ଓଡିଆ ଅସ୍ମିତା—ଗୋଟିଏ ମହାନ ଜାତିର ଅହଂ- ସଚେତନତା


ଉମାଶଙ୍କର ପ୍ରସାଦ

ଓଡିଆ ଜାତିର ଅସ୍ମିତାର ଗୌରବ ଖ୍ରୀଷ୍ଟପୂର୍ବ କାଳରୁ ପ୍ରାୟ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା ଅକ୍ଷୁର୍ଣ୍ଣ। ଏହି ସମୟରେ କେତେ କେତେ ବିବର୍ତ୍ତନ ଦେଇ ଗଢି ଉଠିଥିଲା ଓଡିଆ ଭାଷା, ସାହିତ୍ୟ, ମନ୍ଦିର, ଶିଳ୍ପ-କଳା, ନୌ ବାଣିଜ୍ୟ ଓ ପ୍ରଜାଭିମୁଖୀ ରାଜତନ୍ତ୍ର। ପୁନଶ୍ଚ ଓଡିଆ ଅସ୍ମିତାର ପ୍ରତିଷ୍ଠା ପାଇଁ ଗୋଟିଏ ଦୁର୍ଦ୍ଧର୍ଷ ପାଇକ ବାହିନୀ- ସାମରିକ ଶକ୍ତି ଗଢି ଉଠିଥିଲା ଯାହା ଓଡିଶାକୁ ଓ ଓଡିଆ ଜାତିକୁ ସମଗ୍ର ଭାରତ ବର୍ଷରେ ନିଆରା କରି ଚିହ୍ନାଇ ଦେଇଥିଲା। ଏହି ରାଷ୍ଟ୍ରକେନ୍ଦ୍ରିକ ଅସ୍ମିତାରେ ଦେଖାଦେଲା ଅବକ୍ଷୟ ଯେତେବେଳେ ରାଷ୍ଟ୍ରମୁଖ୍ୟ ବା ରାଜା ଓ ରାଜବଂଶଧରଙ୍କ ଭିତରେ ଦେଖାଦେଲା ଉତ୍କଟ ଭୋଗଲାଳସା, କ୍ଷମତା-ତୃଷ୍ଣା ଓ ତାହାକୁ କେନ୍ଦ୍ରକରି ପାରସ୍ପରିକ ସଂଘର୍ଷ, ଷଡଯନ୍ତ୍ର ଓ ଗୁପ୍ତ ହତ୍ୟା। ଏହାର ସୁଯୋଗ ନେଇ ବହିରାଗତ ଆକ୍ରମଣକାରୀମାନେ ଓଡିଶା ମାଟିକୁ ପଶିଆସିଲେ। ଆଫଗାନ, ମୁସଲମାନ, ମୋଗଲ, ମରହଟ୍ଟା ଓ ଶେଷରେ ଇଂରେଜମାନେ ଓଡିଶାକୁ ଅକ୍ତିଆର କରିନେଲେ। ପ୍ରଦେଶ ଗଠିତ ହେଲା ଅଥଚ ଦେଶ ସ୍ୱାଧୀନତା ଲାଭ ପରେ ସେହି ଅସ୍ମିତା ଆଉ ରହିଲା ନାହିଁ। ବର୍ତ୍ତମାନ ଓଡିଆ ଅସ୍ମିତା ବିଲୀୟମାନ। ଯେତେବେଳେ କଳିଙ୍ଗର ଗୌରବ ଥିଲା ସେତେବେଳେ ଅଶୋକ ଆକ୍ରମଣ କଲେ, କଳିଙ୍ଗ ପରାଜିତ ହେଲା; ମାତ୍ର ଅସ୍ମିତା ହରାଇଲା ନାହିଁ। କଳିଙ୍ଗ ଅସ୍ମିତା ବା ଓଡିଆର ଅସ୍ମିତା ମରିଗଲା ନାହିଁ ଓ ଗୋଟିଏ ଚଣ୍ଡାଶୋକ ରାଜାକୁ ଧର୍ମାଶୋକରେ ପରିବର୍ତ୍ତନ କରିଦେଲା। ପୁନଶ୍ଚ ବିକଶି ଉଠିଲା ମାତ୍ର କେତୋଟି ବର୍ଷ ପରେ ସମ୍ରାଟ ଖାରବେଳଙ୍କ ସମୟରେ। ଖାରବେଳ ପାଲଟି ଯାଇଥିଲେ ଓଡିଆ ଅସ୍ମିତାର ମହାଦୀପ। 'ଓଡିଆ ଅସ୍ମିତା' ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ତିତିକ୍ଷାର ଅସ୍ମିତା- ଖାରବେଳ ହେଲେ ଏହାର ଜୀବନ୍ତ ପ୍ରତିଭୂ। ସେ ରାଜା ଅଥଚ ତାଙ୍କୁ ସିଂହାସନ ମୋହଗ୍ରସ୍ତ କରିପାରି ନଥିଲା। ଭୋଗ ବିଳାସ ତାଙ୍କୁ ଆକର୍ଷିତ କରିପାରି ନଥିଲା। ସବୁ ଧର୍ମ ପ୍ରତି ତାଙ୍କର ଥିଲା ସମାନ ଦୃଷ୍ଟି। ପ୍ରକୃତରେ ସେ ଥିଲେ ଧର୍ମ ନିରପେକ୍ଷ। "ରାଜା ବା ଶାସକ ଯେଉଁଠି ମୋହଗ୍ରସ୍ତ ହୁଏ, ଭୋଗୀ ହୁଏ, ସତ୍ତା ପାଇଁ ଅନ୍ୟାୟ ଅତ୍ୟାଚାର କରେ, ଦଳ ପରିବର୍ତ୍ତନ କରେ, ସ୍ୱେଚ୍ଛାଚାରୀ ହୁଏ, ବିମୁଢ ଅହଂକାରୀ ହୁଏ, ରାଷ୍ଟ୍ର ବା ଜାତିକୁ ଗୌଣ ମନେକରେ ସେଠାରେ ଜାତିର ଅସ୍ମିତା ନିଜର ମର୍ଯ୍ୟାଦା ହରାଇବସେ। ଅନ୍ୟ ପକ୍ଷରେ ଯେଉଁଠି ଏ ସବୁ ନଥାଏ ସେଠି ଜାତିର ଅସ୍ମିତା ପ୍ରତି ସମ୍ମାନ ପ୍ରକାଶ ପାଏ। ମୋର ସୁଧୀ ପାଠକେ ବିଚାର କରିବେ ଆଜିର ସତ୍ତାରୁଢ ଶାସକ ମାନଙ୍କ ପାଖରେ ଉପରୋକ୍ତ ଚରିତ୍ର ଓ ଗୁଣ ନାହିଁ' କି ? ଖାରବେଳଙ୍କ ଚରିତ୍ରର ବୈଶିଷ୍ଟ୍ୟ ଥିଲା ଉଦାର ମାନବିକତା, ଜାତିୟ ସଂହତି ପ୍ରତିଷ୍ଠା ଯାହା ଆଜିକାର ନେତୃବର୍ଗଙ୍କ ପାଖରେ ସମ୍ପୂର୍ଣ୍ଣ ଅଭାବ" ତାଙ୍କରି ଠାରୁ ଯେଉଁ ଓଡିଆ ଅସ୍ମିତାର ଉନ୍ମେଷ ଘଟିଥିଲା ତାହାହିଁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡିଆ ଜାତିକୁ ଆଗେଇ ନେଇଥିଲା। ଖାରବେଳ ଙ୍କ 'କଳିଙ୍ଗ' ଯେପରି ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠା ଅର୍ଜନ କରିଥିଲା ସେହିପରି 'କପିଳେନ୍ଦ୍ର' ଙ୍କ 'ଓଡିଶା' ଗୌରବ ଅର୍ଜନ କରିଥିଲା ଭାରତ ବର୍ଷରେ। ପରେ ବିଭିନ୍ନ ଧର୍ମ ଓ ପରମ୍ପରାର ଆଘାତରେ ଓଡିଆ ଅସ୍ମିତା ଭାଙ୍ଗି ପଡିବା ସମୟରେ ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ରଙ୍କର ଆବିର୍ଭାବ ସେହି ଅସ୍ମିତାକୁ ଦୃଢ କରି ଦେଇଥିଲା ଓ ଜଗନ୍ନାଥ କୋଟି ଓଡିଆର ମଉଡମଣି ହୋଇଗଲେ ଓଡିଆ ଅସ୍ମିତାର ଏକମାତ୍ର ନିୟନ୍ତ୍ରକ ଓ ପୃଷ୍ଟପୋଷକ।

ସେତେବେଳର ଓଡିଶା ଆଉ ନାହିଁ, ପ୍ରତିବେଶୀ ରାଜ୍ୟ ସହିତ ଖଣ୍ଡ ଖଣ୍ଡ ହୋଇ ମିଶି ଯାଇଛି। ଲୋକଙ୍କ ଭିତରେ ଜୀବନ ନାହିଁ। କୁଳବୃଦ୍ଧ ମଧୁସୁଦନଙ୍କ ଭାଷାରେ କେବଳ 'ଐରବକ୍ତୃଶ୍ୱ କ୍ଲଳ ଉତ୍କଳଭରଣ୍ୱ' ହାଡ ଆଉ ହାଡ। ପୁଣି ଅସ୍ମିତାର ଯାହା ମୁଖ୍ୟ ସ୍ପନ୍ଦନ ସେହି ଭାଷାକୁ ବିଲୋପ କରିଦେବାର ଚକ୍ରାନ୍ତ। ଏପରି ଦୂର୍ଦ୍ଦିନରେ କର୍ମଯୋଗୀ ଗୌରୀ ଶଙ୍କର ଓ ତାଙ୍କ ସମ୍ପାଦିତ 'ଉତ୍କଳ ଦୀପିକା' ଓଡିଆ ଅସ୍ମିତାର ଆଦ୍ୟ ପାଞ୍ଚଜନ୍ୟ ଫକୀର ମୋହନ, ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ ପ୍ରମୂଖଙ୍କ ସହିତ ଶତାବ୍ଦୀର ଆରମ୍ଭ ବେଳକୁ ଆବିର୍ଭୂତ ହେଲେ ମଧୁସୁଦନ ଦାସ। ତାଙ୍କ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀ ହେଲା ଓଡିଆ ଜାତୀୟତା ଓ ଅସ୍ମିତାର ଶଙ୍ଖଧ୍ୱନୀ। ସକଳ ପ୍ରତିକୂଳ ପରିସ୍ଥିତି ଓ ବିରୋଧ ସତ୍ୱେ ମଧୁସୁଦନଙ୍କ ସ୍ୱପ୍ନର ଓଡିଶା ୧୯୩୬ ମସିହା ଏପ୍ରିଲ ପହିଲା ଦିନ ସାକାର ହେଲା , ନବ ଓଡିଶାର ହେଲା ଜନ୍ମ। ଦୀର୍ଘ ୪୦୦ ବର୍ଷ ପରେ ଏ ଜାତି ଯେଉଁ ହୃତ ଗୌରବ କୁ ଫେରି ପାଇଥିଲା ଏବେ ସ୍ୱାଧୀନତାର ୭୭ ବର୍ଷ ପରେ ଆମର ସେ ଅସ୍ମିତା ଅଛି କି ? ଯାହାକୁ ନେଇ ଅସ୍ମିତାର ଉନ୍ମେଷ, ବିକାଶ ଓ ପ୍ରସାର ସେହି ଭାଷାର ଆଜି ଅବସ୍ଥା କ'ଣ ? ଜାତିର ପ୍ରତୀକମାନେ ଏ ବିଷୟରେ କିଛି ଚିନ୍ତା କରୁଛନ୍ତିକି ? ନା ଖାଲି ଭାଷଣ ବାଜି ମାରି ନିଜର ସତ୍ତାକୁ ଦୃଢ ରଖିବା ପାଇଁ ଭେଳିକି ଦେଖାଇ ଭୋଟ ନେଉଛନ୍ତି ?

ବର୍ତ୍ତମାନ ସାରା ଓଡିଶାକୁ ଦେଖି ମନ ଭିତରକୁ ନାନା ପ୍ରଶ୍ନ ଆସିଥାଏ ଓ ଆସିବା ମଧ ସ୍ୱାଭାବିକ। ଓଡିଶାର ନାନା କ୍ଷେତ୍ରରେ ଅଗ୍ରଗତି ହୋଇଛି। ବହୁବ୍ୟକ୍ତି ବିଶେଷ ତଥା ରାଜନେତା କଳାଟଙ୍କାରେ ବଡଲୋକ ହୋଇଚନ୍ତି। ବହୁ ଇଂଜିନିୟରିଂ କଲେଜ, ମେଡିକାଲ କଲେଜ, ଆଇନ କଲେଜ, ବିଦ୍ୟାଳୟ, ମହାବିଦ୍ୟାଳୟ- ବିଶ୍ୱବିଦ୍ୟାଳୟ, କେତେ କେତେ ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା ଲାଭ କରିଛି କରୁଛି ମଧ। ତେବେ ମନକୁ ପ୍ରଶ୍ନ ଆସେ ଏ ସବୁ କ'ଣ ଓଡିଆ ଅସ୍ମିତାର ଉଦ୍‌ବୋଧକ ହୋଇ ଛନ୍ତି କି ? ଉତର ଗୋଟିଏ ଶବ୍ଦରେ 'ନାଁ'। ଆମର ଅସ୍ମିତାର ଆଦର୍ଶ ତ୍ୟାଗ, ବୀରତ୍ୱ, ବିଶ୍ୱବୋଧ ଏ ବିଷୟରେ ଆମେ ଅବିହିତ ହେବା ଓ ମନେ ରଖିବା ଦେଶ ,ଜାତି ଓ ଭାଷା ସର୍ବାଗ୍ରେ। ନିଜ ଜାତି ପାଇଁ ଆତ୍ମ ବଳିଦାନ ହେଉ ଆମର ନୀତି। ରାଜନିତି ତା ବାଟରେ ଯାଉ, ରାଜନୀତିକୁ ନେଇ ଆମ ଭିତରେ ବିଭାଜନ ସୃଷ୍ଟି ନହେଉ। କାରଣ ଆମ ଓଡିଆର ଅସ୍ମିତା ଗୋଟିଏ ମହାନ ଜାତିର 'ଅହଂ ସଚେତନତା'।

*ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା*
*ମୋ : ୬୩୭୦୬ ୭୫୫୬୨*

# ଓଡ଼ିଶା ବିକଶିତ ଭାରତର ଦ୍ୱାର ହେଉ


ଗୋପୀନାଥ ଦାଶ

ନିର୍ବାଚନ ବିଗୁଲ୍ ବାଜିସାରିଲାଣି। ତିନିତିନୋଟି ଦଳ ପ୍ରଚାରରେ ସମ୍ପୂର୍ଣ୍ଣ ବ୍ୟସ୍ତ। ଭୋଟ ୨୪ ପାଇଁ ସମସ୍ତେ ନିଜ ମତାଧିକାର ସାବ୍ୟସ୍ତ ପାଇଁ ଆଗ୍ରହୀ। ମୁକ୍ତ ଓ ଅବାଧ ଜନମତ ସଂଗ୍ରହ ଭିତ୍ତିରେ ସ୍ୱଚ୍ଛ ନିର୍ବାଚନ ମାଧ୍ୟମରେ ହିଁ ଗଣତାନ୍ତ୍ରିକ ଶାସନର ସାମ୍ବିଧାନିକ ମୂଳଦୁଆ ପଡ଼ିଥାଏ। କେବଳ ସ୍ୱଚ୍ଛ ଓ ସୁସ୍ଥ ଜନମତ ଭିତ୍ତିରେ ଲୋକାଭିମୁଖୀ ଗଣତନ୍ତ୍ରର ଗୌରବ ବଢ଼ିଥାଏ। ତେଣୁ ନିର୍ବାଚନ ମୁକ୍ତ ଓ ସୁସ୍ଥ ବାତାବରଣରେ ହେବା ଯେତିକି ଆବଶ୍ୟକ ସେତିକି କିମ୍ବା ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ସୁସ୍ଥ ଜନାଦେଶ ଭିତ୍ତିରେ ଗଠିତ ସରକାର ରାଷ୍ଟ୍ରବିକାଶ ତଥା ଜନସମୂହର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଶାସନ ପରିଚାଳନା କରିବା। ଏହି ମର୍ମରେ ଓଡ଼ିଶାର ବିକାଶ କଥା ଆଲୋଚନା କଲେ ଗତମାସ ଯାଜପୁରର ଚଣ୍ଡୀଖୋଲଠାରେ ବିଜେପିର ବିଶାଳ ସମାବେଶରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଯାହା କହିଥିଲେ ତାହା କେବଳ ଏହି ଲେଖକର କିମ୍ବା ବଡ଼ଚଣା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଇଁ ନୁହେଁ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଏହା ସବୁବେଳେ ପାଇଁ ସ୍ମରଣୀୟ ହୋଇ ରହିବ। ଓଡ଼ିଶାର ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ହାଇଭୋଲଟେଜ ଲଢ଼େଇ ହେଉଛି। ଏଠାରେ ବିଜେପିର ଯୁବ ଲୋକପ୍ରିୟ ଚେହେରା ତଥା ସ୍ଥାନୀୟ ଅଞ୍ଚଳରେ ବେଶ୍ ବିପୁଳ ଲୋକପ୍ରିୟତା ପାଇଥିବା ଅମାର ନାୟକ ଓ ବିଜେଡ଼ିର ସିନେ ତାରକା ବର୍ଷା ପ୍ରିୟଦର୍ଶୀନୀଙ୍କ ମଧ୍ୟରେ। ଚଣ୍ଡିଖୋଲରେ ଲକ୍ଷାଧିକ ବିଜେପି କର୍ମୀ ଓ ଶୁଭେଚ୍ଛୁଙ୍କ ଗହଳି ପ୍ରମାଣ କରିଦେଇଥିଲା ଅମର ନାୟକଙ୍କୁ ଭଲପାଉଥିବା ବିପୁଳ ଜନ ସମର୍ଥନର ବଡ଼ ଉଦାହରଣ ଆଉ କ'ଣ ଥାଇପାରେ ? ସେହି ସମାବେଶରେ ଲକ୍ଷାଧିକ କର୍ମୀ, ଶୁଭେଚ୍ଛୁମାନଙ୍କୁ ଦେଖି ମୋଦିଜୀ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ ଯେ "ଭାରତକୁ ବିଶ୍ୱର ୩ୟ ବୃହତ ଅର୍ଥନୈତିକ ଦେଶ ଭାବେ ପରିଗଣିତ ହେବାର ଅଛି। କୃଷକ, ଯୁବକ, ନାରୀଶକ୍ତି ଏବଂ ଗରିବମାନଙ୍କ ଜୀବନଧାରଣରେ ପରିବର୍ତ୍ତନ କରିବାରେ ଓଡ଼ିଶାର ବଡ଼ ଭୂମିକା ରହିବ।" ବିଗତ ଦଶ ବର୍ଷରେ ଭାଜପା ସରକାର ଓଡ଼ିଶାରେ ଦୁଇ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶ କରିଆସୁଛି। ସେଥିପାଇଁ ଓଡ଼ିଶା ବିକଶିତ ଭାରତର ଗେଟ୍‌ୱେ ହେବାକୁ ଯାଉଛି। ଓଡ଼ିଶା ଆତ୍ମନିର୍ଭର ଭାରତକୁ ଉର୍ଜ୍ଜା ଦେଉଛି। ଏଠାରୁ ଗ୍ୟାସ୍ ପାଇପ ଲାଇନ୍ ଅନ୍ୟ ରାଜ୍ୟରେ ପହଞ୍ଚୁଛି। ଓଡ଼ିଶା ପଲିଷ୍ଟର କ୍ଷେତ୍ରରେ ମଧ ଏକ ବଡ଼ କେନ୍ଦ୍ର। ଟେକ୍ସଟାଇଲ ପାର୍କ ପାଇଁ ଏଠାରୁ କଞ୍ଚାମାଲ୍ ଉତ୍ପାଦନ ହେଉଛି। ଫଳରେ ନିଯୁକ୍ତି ପାଇଁ ବହୁତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଏହିସବୁ କାର୍ଯ୍ୟ ପ୍ରଥମେ ମଧ ହୋଇପାରିଥାନ୍ତା। କିନ୍ତୁ ୨୦୧୪ ପୂର୍ବରୁ କଂଗ୍ରେସ ସରକାରର ନେତାମାନେ କେବଳ ନିଜର ସମ୍ପତ୍ତି ବଢ଼ାଉଥିଲେ। କୋଇଲା, ୟୁରିଆ, ନିଯୁକ୍ତି ଆଦି କ୍ଷେତ୍ରରେ ଦୁର୍ନୀତି ହେଉଥିଲେ। ନିଜର ସମସ୍ୟା ପାଇଁ ଗରିବ ଲୋକ କଂଗ୍ରେସ ପାଖକୁ ଯାଉଥିଲା ବେଳେ ପ୍ରାୟ ସବୁ କ୍ଷେତ୍ରରେ ଗ୍ୟାରେଣ୍ଟି ଆଣିବାକୁ କୁହାଯାଉଥିଲା। ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟି ଆଣ, ଚାଷୀ ଋଣ ସକାଶେ ଗ୍ୟାରେଣ୍ଟି ଆଣ ବୋଲି କୁହାଯାଉଥିଲା। ଗରିବର ପୁଅ ଯେତେବେଳେ ମୋଦି ହେଲେ ଗରିବ ଲୋକଙ୍କ ଗ୍ୟାରେଣ୍ଟି। ବିନା ଗ୍ୟାରେଣ୍ଟିରେ ଅନେକ ଯୋଜନା ପ୍ରଣୟନ କରାଗଲା। ଫଳରେ ଗରିବଙ୍କ ଆତ୍ମବିଶ୍ୱାସ ବଢ଼ିଲା। ଏହିକ୍ରମରେ ମୋଦି ଗରିବଙ୍କ ସାଥିରେ ଅଛନ୍ତି। ଓଡ଼ିଶାରେ ବହୁ ପଛରେ ଥିବା ଜନଜାତିଙ୍କ ଦୁଃଖ କେହି ବୁଝିନଥିଲେ। କିନ୍ତୁ ମୋଦି ସରକାର ସେମାନଙ୍କ ପାଇଁ ୨୪ ହଜାର କୋଟି ଟଙ୍କାର ପିଏମ୍‌ଜନମନ ଯୋଜନା କରିଛି। ଫୁଟ୍‌ପାଥ, ଠେଲାଗାଡ଼ିବାଲା, କୃଷକ, ମତ୍ସଜୀବୀଙ୍କ ବିକାଶ ପାଇଁ ପିଏମ୍‌ସ୍ୱନିଧି ଓ ପିଏମ୍‌ମତ୍ସ୍ୟ ସମ୍ପଦ ଯୋଜନାରେ ବ୍ୟାଙ୍କଠାରୁ ସିଧାସଳଖ ଲାଭ ମିଳୁଛି। ଗରିବ ଲୋକଙ୍କ ପାଇଁ ଯାହା ସ୍ୱପ୍ନ ହେଉଥିଲା, ତାହା ଆଜି ବାସ୍ତବରେ ପରିଣତ ହୋଇଛି ବୋଲି ମୋଦିଜୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଅନ୍ୟଠାରୁ ଯେତେବେଳେ ନିରାଶ ମିଳୁଛି, ସେଠାରେ ମୋଦିଙ୍କ ଗ୍ୟାରେଣ୍ଟି ଆରମ୍ଭ ହେଉଛି। ଏଠାରେ ଉପସ୍ଥିତ ଯୁବକମାନଙ୍କ ଉତ୍ସାହ ଓ ଉଦ୍ଦୀପନା ତାଙ୍କୁ କାମ କରିବାରେ ଆହୁରି ଉତ୍ସାହିତ କରୁଛି, ଯାହାକି ସେ କେବେ ବି ଭୁଲିପାରିବେ ନାହିଁ ବୋଲି କହିଛନ୍ତି। ଓଡ଼ିଶା ସୂର୍ଯ୍ୟଦେବଙ୍କ ମାଟି। ତେଣୁ ଓଡ଼ିଶାବାସୀଙ୍କୁ ମାଗଣାରେ ବିଜୁଳି ପ୍ରଦାନ କରିବାକୁ ମୋଦି ଗ୍ୟାରେଣ୍ଟି ଦେଇଛି। ଭାଜପା ସରକାର ପିଏମସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ପ୍ରଣୟନ କରିଛନ୍ତି। ଘର ଛାତରେ ସୋଲାର ପ୍ୟାନେଲ ନିର୍ମାଣ କରି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ମିଳିପାରିବ। ଅତିରିକ୍ତ ବିଜୁଳିକୁ ସରକାରଙ୍କ ପାଖରେ ବିକ୍ରି ମଧ କରିପାରିବେ। କୃଷକମାନଙ୍କୁ ମଧ ଉର୍ଜ୍ଜାଦାତା କରାଯାଉଛି। ଜମିରେ ସେମାନେ ସୋଲାର ପ୍ୟାନେଲ ଲଗାଇ ଲାଭବାନ ହୋଇପାରିବେ। ଭଗବାନଙ୍କ କୃପା ବିନା ଏତେ ସ୍ନେହ କାହାକୁ ମିଳିପାରିବ ନାହିଁ। ଆପଣମାନେ ଦେଉଥିବା ସ୍ନେହ ଭଗବାନ ଜଗନ୍ନାଥଙ୍କ କୃପାରୁ ମିଳୁଛି ବୋଲି ସେ କହିଥିଲେ। ମାଗଣା ଏବଂ ଠିକ୍ ସମୟରେ ରାସନ ମିଳୁଛି କି ନାହିଁ ବୋଲି ଉପସ୍ଥିତ ଜନତାଙ୍କୁ ସେ ପ୍ରଶ୍ନ କରି ଆସନ୍ତା ୫ ବର୍ଷ ପାଇଁ ରାସନ ଯୋଗାଣ ବଢ଼ାଇ ଦିଆଯାଇଥିବା କହିଥିଲେ। ଗ୍ରାମଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଲକ୍ଷପତି କରିବାକୁ ଯୋଜନା କରାଯାଉଛି। ବିରୋଧୀମାନଙ୍କ ପାଇଁ ପରିବାର ପ୍ରଥମ ହୋଇଥିବା ବେଳେ ମୋଦିଙ୍କ ବିଚାରଧାରାରେ ରାଷ୍ଟ୍ର ହେଉଛି ପ୍ରଥମ। ସେମାନେ କେବଳ ନିଜ ପରିବାର ପାଇଁ ବଞ୍ଚୁଛନ୍ତି। କିନ୍ତୁ ମୋଦି ଭାରତର ସମସ୍ତ ପରିବାରଙ୍କ ପାଇଁ ଖଟୁଛନ୍ତି। ପ୍ରତ୍ୟେକ ପରିବାରଙ୍କ ପାଇଁ ପକ୍କା ଘର ନିର୍ମାଣ କରିବା ମୋଦିଙ୍କ ଗ୍ୟାରେଣ୍ଟି। ତେଣୁ ଭାରତ ହେଉଛି ମୋଦିଙ୍କ ପରିବାର।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୮୯୫୨୯୬୧୬୭*

# ଠାକୁର ଆଗରେ, ପଛରେ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ନବ୍ୟ ସାଧକ ତପ ଆରମ୍ଭ କରିବେ। ଏ ପାଇଁ ଏକ ଗୁରୁ ଦୀକ୍ଷା ଦେବେ ତା ପରେ ଶକ୍ତିପାତ କରିବେ ତାପରେ ଏକାଗ୍ର ମନରେ ଦେବ ଆରାଧନା କରାଯିବ। ମାତ୍ର ଗୁରୁ କହିଥିବେ କିଛି ଦୂରରେ ରହି 'ସର୍ବଂ ମିଥ୍ୟା ଜପଂ କରୁଃ' ମନ୍ତ୍ରଜପ ସମୟରେ ଆସେ ଅନେକ ଭ୍ରାନ୍ତି, ଭ୍ରାନ୍ତି ଗୁଡ଼ିକ ସତ୍ୟ ପରି ବୋଧହୁଏ। ସ୍ୱପ୍ନାବସ୍ଥାରେ ନିଜକୁ ଚକ୍ରରେ ପକାଏ। ଶୟନର ଗାଢ଼ ନିଦ୍ରା ବେଳେ। ପାଖ ଦିବ୍ୟତରୁଣୀ ଯୁବକ ମାନଙ୍କୁ ଏପରି ସ୍ୱପ୍ନଦିଷ୍ଟ ହୁଅନ୍ତି। ଯହିଁରେ ତାଙ୍କ ଶୁକ୍ରକ୍ଷୟ ବୃଥାରେ ହୋଇଯାଏ ସେହିପରି ନବ୍ୟ ସାଧକର କଥଞ୍ଚି ମନ ଏପରି ଭ୍ରାନ୍ତି ଦିଗରେ ଭୁଲି ଚକ୍ରରେ ପଡ଼ି ସାଧନା ବିରତ ହୋଇପାରନ୍ତି। ଭଗବାନ କେବେ କାହାକୁ ପ୍ରତ୍ୟକ୍ଷ ଦେଖାରେ କିଛି ବାଣୀ ଦିଅନ୍ତି ନାହିଁ। ଗୁରୁବଟେ ଈଶ୍ୱରବାଣୀ ମିଳେ। ଏମିତି ଅଛି ଲୋକେ କିଛି ମିମାଂସା ନକରି ପାରିଲେ ଧର୍ମଗୁଳା ପକାନ୍ତି ଏଥିରେ ଯେଉଁ ଗୁଳା ଲବ୍ଧ ହୁଏ ତାହା ଈଶ୍ୱରଙ୍କ ବାଣୀ ବା ନିର୍ଦ୍ଦେଶ ବୋଲି ଧରାଯାଏ। ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟରେ ଯାଇ ହାରି ଦୁଇଥର ପୁଣି ଯିବାକୁ ଶକ୍ତି ସଞ୍ଚୟ କରୁଛନ୍ତି ଏଣେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶ୍ରିତ। ପ୍ରଭୁଙ୍କୁ କହୁଛନ୍ତି ହେ ଭଗବାନ ମୋତେ ଅପମାନ ମିଳୁ ମାତ୍ର ଏ ସଂସ୍କୃତି ନୁହଁ କି ଆପଣଙ୍କ ଭକ୍ତକୁ ନୁହଁ ପରୋକ୍ଷରେ ଆପଣଙ୍କୁ ନହେଉ। ଏପରି ଧର୍ମ ସଂକଟରେ ମୁଁ ପଡ଼ିଛି ପ୍ରଭୁ ରକ୍ଷା କର ପ୍ରଭ ରକ୍ଷାକର। ପରେ ପରେ କାଞ୍ଚି ଯାତ୍ରା। ରାସ୍ତାରେ ମାଣିକ ପାଟଣା ସେତେବେଳେ ଏପରି ନାମରେ ସ୍ଥାନଟିର ନାମ ନଥିଲା। ହେଲା ପ୍ରଭୁଙ୍କ ଲୀଳାରୁ ଏମିତି। ମାଣିକ ଜଣେ ଗୋପାଳୁଣୀ, ସେ ରାସ୍ତାରେ ଦହି ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷାରତ। ଗଜପତି ବାହିନୀ ଯୁଦ୍ଧ ଅଭିଯାନରେ ଉଡପା ଘୋଡ଼ରେ ସେହି ବାଟରେ ଯାଉଛନ୍ତି। ଏମିତି ଦୁଇ ଘୋଡ଼ା ବୀରବେଶ। ଦୁଇ ଜଣ ଅଶ୍ୱାରୋହୀ ପଥିକ। ଧାଇଁ ଧାଇଁ ପଥକ୍ଳାନ୍ତ ଏଣେ ମୁଣ୍ଡ ଫଟା ଖରା, ତଣ୍ଟି ତୃଷାରେ ଶୁଖି ଯାଉଛି। ଏ ବେଳରେ ଗୋପାଳୁଣୀର ଦହି ପସରା ଦେଖି ବୀରଦ୍ୱୟ ଦହି ମାଗି ପାନ କଲେ। ମାତ୍ର ଦହିର ମୂଲ୍ୟ ଦେବାକୁ ଯେ ହେବ ଏକଥା ଭୁଲି ଗଲାପରି ଛଳନା କଲେ ତାପରେ ହାତର ମୁଦି ଦେଇ କହିଲେ ପଛରେ ରାଜା ଆସୁଛନ୍ତି ତାଙ୍କୁ ଏହାଦେଖାଇ ଦହି ମୂଲ୍ୟ ଅସୁଲ କରିବ। ସେ ମୁଦି ସାଧାରଣ ମୁଦି ନୁହଁ ରତ୍ନ ମୁଦି ପ୍ରଭୁଙ୍କର ରତ୍ନ ମୁଦି। ପ୍ରଭୁ ରୂପ ନାମ ଆଙ୍କିତ ରତ୍ନମୁଦି ରତ୍ନ ଠାରୁ ପ୍ରଭୁଙ୍କ ନାମ ବହୁ ମୂଲ୍ୟବାନ। ଗୋପାଳୁଣୀର ଉପାୟ ନାହିଁ ସେ ରତ୍ନ ଓ ପ୍ରଭୁଙ୍କ ନାମର ମୂଲ୍ୟ ଠାରୁ ତା ଦହିର ମୂଲ୍ୟକୁ କେବଳ ବୁଝେ। ନବୁଝିଲେ ବି ଚଳେନାହିଁ, କାରଣ ଏ ବୃତ୍ତି ହିଁ ତାର ରୋଜୀରୁଟିର ଉତ୍ସ। ତେବେ ଏହା ଢ଼ୋଲରେ ପ୍ରଭୁ ଦୁଇ ଶିକାର କରି ଥାନ୍ତି। ଏହି ଦୁଇ ବୀର ସାଧାରଣ ବ୍ୟକ୍ତି ନୁହଁନ୍ତି, ଖୋଦ ବଳରାମ ଜଗନ୍ନାଥ ଘୋଡ଼ା କଳାଘୋଡ଼ା ଧଳା ଘୋଡ଼ା ଏ କଣ କାହାରି ଖାଇ ମୁହଁ ପୋଛି ଚାଲିଯିବେ କି ? ରାଜା ଆସିଲେ ସେ ବି ଦହି ପିଇଲେ ଗୋପାଳୁଣୀ ଦହି ଭାଣ୍ଡରେ ରତ୍ନ ମୁଦି ଦେଖି ଚିହ୍ନିଲେ ଗଦ ଗଦ ହେଲେ ମୁଦି ମୁଣ୍ଡରେ ଲଗାଇଲେ ଗୋପାଳୁଣୀକୁ ରାଜା କହିଲେ ତୁ ଭକ୍ତ ତୋ ଦହିକୁ ଠାକୁରେ ପ୍ରସାଦ ରୂପେ ଗ୍ରହଣ କରିଛନ୍ତି ତୁ ଧନ୍ୟ। ତୋର ଦେୟ ଧନ ମୁଁ କେମିତି ଶୋଧ କରିବି। ଏ ରତ୍ନ ମୁଦି ପ୍ରଭୁଙ୍କର ସେ ତୋତେ ମୋ ଗୋଚର ପାଇଁ ରଖି ଯାଇଛନ୍ତି ତତେ ମୁଁ ଏଠାର କିଛି ପୁରସ୍କାର ଦେଉଛି ତୁ ଆଜି ଠାରୁ ତାର ମାଲିକ ଆଉ ଏହି ପାଟଣା ତୋର ନାମର ଆଜିଠାରୁ ମାଣିକପାଟଣା ହେଲା। ପୁରୁଷୋତ୍ତମ ରାଜାଙ୍କ ପାଇଁ ଠାକୁରେ ଯୁଦ୍ଧ ଯାଇଥିଲେ ଭାବରେ ଭକ୍ତିରେ ଭକ୍ତ ପାଇଁ ହତିଆର ଧରିଥିଲେ। ଏମିତି ପୂର୍ବେ ଲୋକେ ଚାଲି ଚାଲି ତୀର୍ଥ ଭୂମି ଯାଉଥିଲେ। ପୁରୀ ଶାସନୀ ବ୍ରାହ୍ମଣ ଜଣେ ଚାଲି ଚାଲି ଚୁଡ଼ା ଚାଉଳ ବାନ୍ଧି ସ୍ୱଗ୍ରାମ ସାଥିଙ୍କ ସହିତ ବୃନ୍ଦାବନ ଧାମ ଯାଇଥିଲେ ସେଠାରେ ପହଞ୍ଚି ବୁଲା ବୁଲି କରିବା ସମୟରେ ହଇଜା ଝାଡ଼ା ବାନ୍ତିରେ ଆକ୍ରାନ୍ତ ହେଲେ। ସେତେବେଳେ ଚିକିତ୍ସା ଏତେ ଉନ୍ନତ ନଥିଲା କି କୌଣସି ବିଧିବଦ୍ଧ ଡାକ୍ତରଖାନା ନଥିଲା। ହଇଜା ଡରରେ ଲୋକେ ରୋଗୀକୁ ସେବା ସୁଶ୍ରୁଷା କରିବାକୁ ଡରୁନଥିଲେ। ମୋର ପଥ ପ୍ରଦର୍ଶକ ହୋଇ ତୁ ଆଗେ ଆଗେ ଯିବୁ। ଯୁବକ କହିଲେ ପ୍ରଭୁ ଆପଣ ମୋ ପଛରେ ଅଛନ୍ତି ମୁଁ କେମିତି ଜାଣିବି ? ପ୍ରଭୁ କହିଲେ ଆରେ ମୋ ଝୁମକି କଅଉର ଆୱାଜ ତୋତେ କେବଳ ଶୁଣାଯିବ। ଏମିତି ଆସୁ ଆସୁ ଭାର୍ଗବୀ ନଦୀ ଯୁବକ ପଛକୁ ଚାହିଁ ଦେଲେ ସେହିଠାରେ ହିଁ ଠାକୁର ପଥର ହୋଇଗଲେ। ଯୁବକ କାନ୍ଦିଲେ ଅସ୍ଥିର ହେଲେ ହେଲେ ବି ଭୁଲିବାକୁ କିଏ ଟାଳିବ। ପରେ ରାଜା ଆସିଲେ ବ୍ରାହ୍ମଣ ଯୁବକ ବିଭା ହେଲେ। ଠାକୁର ସାକ୍ଷୀ ଦେବାକୁ ଆସି ସାକ୍ଷୀଗୋପାଳ ହେଲେ ନାମ ରହିଲା ସାକ୍ଷୀଗୋପାଳ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଓଡ଼ିଶାର ମିତା ଦିଦି


ବିପିନ ବିହାରୀ ରାଉତ

ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି। ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ। ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଚଳିତ ଅର୍ଥାତ୍ ୨୦୨୪ ନିର୍ବାଚନ ଆରମ୍ଭ ହୋଇଯାଇଛି। କହିବାକୁ ଗଲେ ୧୯୫୧ରେ ଦେଶର ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ପାଖାପାଖି ୭୩ ବର୍ଷ ପରେ ଚଳିତ ବର୍ଷର ଅଷ୍ଟାଦଶ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଛି।

ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରି ନୂଆ ଭୋଟରମାନଙ୍କୁ ଉତ୍ସାହ ଦେବାସହ ଭୋଟ ଦେବା ନିମିତ୍ତ ଭୋଟ କେନ୍ଦ୍ରକୁ ଯିବାକୁ ପ୍ରବର୍ତ୍ତାଇବା ଓ ସଚେତନତା କରିବାପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ନିର୍ବାଚନ ଆୟୋଗ ପକ୍ଷରୁ ଅନେକ ଜନ ସଚେତନଧର୍ମୀ ଉଦ୍ୟମ, କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ଓଡ଼ିଶାରେ ମୁଖ୍ୟ ନିର୍ବାଚନ ଅଧିକାରୀ ତୃଣମୂଳସ୍ତର କୁହାଯାଉଥିବା ବୁଥ ଲେଭୁଲ ଅଫିସର ମାନଙ୍କ ପାଇଁ ଏକ ମାସ୍କଟ ପ୍ରସ୍ତୁତ କରିଛନ୍ତି। ତେବେ ଖୁସି ଓ କୌତୁହଳର ବିଷୟ ହେଉଛି ଏହି ମାସ୍କଟରେ ଯେଉଁ ଚିତ୍ରଟି ସ୍ଥାନ ପାଇଛି ତାହା ହେଉଛି 'ମିତା ଦିଦି'। ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ଏକ ଲୋକପ୍ରିୟ ସ୍ଥାନୀୟ ନାମ କିମ୍ବା ପ୍ରେରଣାଦାୟୀ ଚରିତ୍ରଙ୍କୁ ନେଇ ଲୋକମାନଙ୍କ ପାଖରେ ସଚେତତନତାର ବାର୍ତ୍ତା ରଖିବା ପାଇଁ ଏକ ଏକ ଚରିତ୍ରର ସୃଷ୍ଟି କରାଯାଇଥାଏ। ସମସ୍ତେ ବେଶ ଭଲ ଭାବେ ଜାଣନ୍ତି ଯେ ନିର୍ବାଚନ ପରିଚାଳନା କ୍ଷେତ୍ରରେ ବୁଥ ସ୍ତରୀୟ ଅଫିସର ଓ ସହାୟକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାଥାଏ। ଯଥାର୍ଥ କଥା ହେଉଛି ବୁଥ ସ୍ତରରେ ହିଁ ନିର୍ବାଚନ ଓ ମତଦାନର ପ୍ରକୃତ ପରିଚାଳନା ହୁଏ। ମତଦାତା ମାନଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ନୂଆ ଭୋଟର ମାନଙ୍କୁ ଭୋଟ ଦେବା ପାଇଁ ଉତ୍ସାହିତ କରିବା ନିମିତ୍ତ ଓଡ଼ିଶାରେ ପ୍ରସ୍ତୁତ କରାଯାଇଥାବ 'ମିତା ଦିଦି' ମାସ୍କେଟକୁ ସମଗ୍ର ଦେଶରେ ବୁଥସ୍ତରୀୟ ଅଫିସର ମାନଙ୍କ ନିମିତ୍ତ ମାସ୍କଟ ଭାବରେ ମୁଖ୍ୟ ନିର୍ବାଚନ କମିଶନ ଗ୍ରହଣ କରିଛନ୍ତି। ଏହା ହିଁ କୋଟି କୋଟି ଓଡ଼ିଆଙ୍କ ପାଇଁ ଯେତିକି ଆନନ୍ଦ ସମ ଭାବରେ ଗର୍ବ ଓ ଗୌରବର ପ୍ରସଙ୍ଗ।କୌଣସି ଏକ ଘଟଣା ବହୁଳ କ୍ରୀଡ଼ା, କାର୍ଯ୍ୟକ୍ରମ ବା ସ୍ୱତନ୍ତ୍ର ଘଟଣାର ସ୍ମୃତି ସନ୍ତକ ବା ପ୍ରତିକାତ୍ମକ ଏକ ସଚେତନଧର୍ମୀ ବାର୍ତ୍ତା ଦେଉଥିବା ଚିତ୍ର ବା ଚରିତ୍ରକୁ ନେଇ ମାସ୍କଟ ପ୍ରସ୍ତୁତ ହୋଇଥାଏ। ଓଡ଼ିଶାର ଏହି ମାସ୍କଟ ବର୍ତ୍ତମାନ ସମଗ୍ର ଦେଶରେ ବ୍ୟବହୃତ ହେଉଛି। ବୁଥ ଲେଭୁଲ ଅଫିସର ମାନଙ୍କର ଇ-ପତ୍ରିକାରେ ଓଡ଼ିଶାର ମାସ୍କଟ ସ୍ଥାନ ପାଇବା ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଭୋଟଦାନ କେନ୍ଦ୍ରରେ ମତଦାନ ବେଳେ ବୁଥସ୍ତରୀୟ ଅଧିକାରୀମାନେ ଅନେକ ଅସୁବିଧା ଓ ପ୍ରତିବନ୍ଧକକୁ ସମ୍ମୁଖୀନ ହୋଇଥାନ୍ତି। ଏହାକୁ ସେମାନେ ତତ୍କାଳ ସମାଧାନ କରି ଗଣତନ୍ତ୍ରର ମହାପର୍ବରେ ନିଜ ସେବା ଜାରି ରଖିଥାନ୍ତି। ଅନେକ ସମୟରେ ବୁଥ ଦଖଲ, ଅନୈତିକ ଉପାୟରେ ମତଦାନ, ହିଂସାତ୍ମକ ବା ଅସାମାଜିକ କାର୍ଯ୍ୟ, ବୁଥ ସ୍ତରରୁ ସଂଗଠିତ ହେଉଥିବାରୁ ବୁଥ ଦାୟିତ୍ୱରେ ଥିବା କତିପୟ ଅର୍ଥାତ୍ ମାତ୍ର ତିନି ଚାରିଜଣ କ୍ଷେତ୍ର ଅଧିକାରୀ, ବରିଷ୍ଠ ଅଧିକାରୀ ତତ୍କାଳ ସମାଧାନ କରିବା ଏତେଟା ସହଜ ସାଧ୍ୟ ହୋଇନଥାଏ। ଏ କ୍ଷେତ୍ରରେ ରାଜନୈତିକଦଳ ଓ ଜନସାଧାରଣଙ୍କର ଅକୁଣ୍ଠ, ଉଲ୍ଲେଖନୀୟ ସମର୍ଥନ ସହଯୋଗର ଆବଶ୍ୟକତା ରହିଥାଏ। ସ୍ଥାନୀୟ ପ୍ରଶାସନ ପାଇଁ ଏହା ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ହୋଇଥାଏ। ନିର୍ବାଚନ ପରିଚାଳନା ସମୟରେ ଯେତେ ଶୀଘ୍ର ସମ୍ଭବ ଶାନ୍ତି ଶୃଙ୍ଖଳା ପରିବେଶ ଭିତରେ ମତଦାନ ଶେଷ ହେବ ଏବଂ ସେତେ ଶୀଘ୍ର ବୁଥସ୍ତରୀୟ ଅଧିକାରୀମାନେ ନିର୍ବାଚନ ସମ୍ପର୍କିତ ଉପକରଣ ସହିତ ନିକଟସ୍ଥ ବ୍ଲକ, ସବଡିଭିଜନ କିମ୍ବା ଜିଲ୍ଲାସ୍ତରୀୟ ମୁଖ୍ୟାଳୟକୁ ଚାଲି ଯିବା ପାଇଁ ଉଚିତ ମନେ କରିଥାନ୍ତି। କାରଣ ମତଦାନ ପରବର୍ତ୍ତୀ ସମୟରେ ଅନେକ କ୍ଷେତ୍ରରେ ହିଂସାକାଣ୍ଡର ଉଦାହରଣ ରହିଛି। ଏହି ସମସ୍ତ ବିଷୟ ପ୍ରତି ଲୋକମାନଙ୍କୁ ସଚେତନ କରିବା ପାଇଁ ବୁଥ ସ୍ତରରେ ଏକ ମାସ୍କଟକୁ ସମସ୍ତ ପ୍ରକାର ସଚେତନତାର ସନ୍ତକ ଭାବେ ଗ୍ରହଣ କରାଯାଇଥାଏ। ଚଳିତ ବର୍ଷର ନିର୍ବାଚନରେ ଓଡ଼ିଶାର ମାସ୍କଟ ସଫଳ ହେବା ସହ ଏହି ମାସ୍କଟକୁ ନିର୍ବାଚନ ଆୟୋଗ ବ୍ୟବହାର କରିବା ଫଳରେ ଏହା ସମଗ୍ର ନିର୍ବାଚନ ପ୍ରକ୍ରିୟାର ଏକ ପ୍ରତିନିଧି ଓ ସନ୍ତକ ଭାବେ ମାନ୍ୟତା ପାଇଛି। ଏହି ମାସ୍କଟ ହେଉଛି ସ୍ୱଚ୍ଛମତଦାନ, ନିର୍ଭୟ ଓ ନିରପେକ୍ଷତାର ପ୍ରତୀକ। ଏହି ବିଚାରକୁ ଭୋଟରମାନେ ଗ୍ରହଣ କରି ମତଦାନ ପ୍ରକ୍ରିୟାକୁ ନିଜ ଆଡୁ ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ସୁପରିଚାଳନା ସହ ଏହାର ପରିସମାପ୍ତି କରି ଦେଶ ଓ ସମାଜର ଜଣେ ଜାଗ୍ରତ ନାୟକ ଭାବେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିଲେ ଏହା ରାଷ୍ଟ୍ରପତି ଆମ ସମସ୍ତଙ୍କର ଏକ ଉଲ୍ଲେଖନୀୟ ସେବାନିଦର୍ଶନ ଭାବେ ପରିଗଣିତ ହେବ।

*ତୁଳସୀପୁର କଟକ*

# ଏକ ଡକ୍ୟୁମେଣ୍ଟାରୀ ଚ଼ଳଚ଼ିତ୍ର ଓଡିଶାର ଭୁଲିଯାଇଥିବା ଜନଜାତିକୁ ଆଲୋକିତ କରେ

ସାଇକତ କୁମାର ବସୁ



ଡୋଙ୍ଗ୍ରିଆ କୋଣ୍ଡା ଡୋଙ୍ଗ୍ରିଆ କଣ୍ଡ ଭାରତର ସର୍ବ ପୁରାତନ ଆଦିବାସୀ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ । ସେମାନେ ପଶ୍ଚିମ ଓଡିଶାର ନିୟାମାଗିରି ପାହାଡ ନିକଟରେ ରୁହନ୍ତି । ବିସ୍ତୃତ ପର୍ବତଶୃଙ୍ଖଳା, ବିଭିନ୍ନ ଭ ଷଧୀୟ ଉଭିଦରେ ଭରପୂର । ଚ଼ିତ୍ତାକର୍ଷକ ପ୍ରାକୃତିକ ପରିବେଶ ବାସ୍ତବରେ ମନକୁ ପ୍ରବାହିତ କରେ । ମୁଁ କେଉଁଠାରେ ହଜିଗଲି ?ରାସ୍ତାଟି ବହୁତ କଷ୍ଟକର । କହିବା ବାହୁଲ୍ୟ, କଠିନ ହେଉଛି କଠିନ । କିନ୍ତୁ ଅଜ୍ଞାତକୁ ଜାଣିବା ଏବଂ ଅଜ୍ଞାତ ଜାଣିବା ଇଚ୍ଛା ଅନନ୍ତ ଅଟେ । ତେଣୁ ସେ ଅଜ୍ଞାତର କଳରେ ବାହାରକୁ ଆସିଥିଲେ। ଏହିପରି, ସେ ଡୋଙ୍ଗ୍ରିଆର ଦ୍ୱାରରେ ପହଞ୍ଚିଲେ । ଏହି ଡୋଙ୍ଗ୍ରିଆ କଣ୍ଡ୍ରାସ୍ ଅତି ସରଳ ଆଦିବାସୀ । ଯେହେତୁ ଶିକ୍ଷାର କ expansion ଣସି ବିସ୍ତାର ନାହିଁ, ସେମାନଙ୍କର ସମସ୍ତ ସୁଖ ସେହି ପର୍ବତ ଉପରେ କେନ୍ଦ୍ରିତ । ସେମାନେ ଭାବନ୍ତି ଯେ ନିୟାମା ହିଲ୍ ହେଉଛି ସେମାନଙ୍କର ରକ୍ଷକ । ତେଣୁ ନିୟାମା ରାଜା ସେମାନଙ୍କର ଭଗବାନ ଅଟନ୍ତି ।ନିଗାମଗିରି ପର୍ବତ ପରିସର ହେଉଛି ପର୍ଗାଟ ପର୍ବତର ଏକ ବିଶେଷ ଅଂଶ । ଯେପରି ପ୍ରକୃତି ଏହି ଅଞ୍ଚଳରେ ଅସୀମ ସଂଖ୍ୟକ ଉଭିଦ ଏବଂ ପ୍ରାଣୀକୁ ସଜାଇଛି । ମାନବ ସମାଜ ମଧ ସେହିପରି ଅଟେ ।ସାମାଜିକ-ଅର୍ଥନ development ତିକ ବିକାଶ ଦୃଷ୍ଟିରୁ କୋଣ୍ଡ୍ରା ପଛ ଧାଡିରେ ଅଛି । ଜଙ୍ଗଲ ହେଉଛି ସେମାନଙ୍କର ଏକମାତ୍ର ଭରସା । ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଜଙ୍ଗଲ ଚ଼ାରିପାଖରେ ।ପ୍ରଫେସର ସୁପର୍ନା ସାନଲ ମୁଖାର୍ଜୀ ମହାଶୟ ଏହି ଡୋଙ୍ଗରିଆ କୋଣ୍ଡାସଙ୍କୁ ଖୋଜି ସେମାନଙ୍କ ଜୀବନ ଯାତ୍ରାର ସାକ୍ଷ୍ୟ ପ୍ରମାଣ କରିଛନ୍ତି ।ସେ ତାଙ୍କ ସ୍ୱେଚ୍ଛାସେବୀ ସଂଗଠନର କିଛି ସଦସ୍ୟ ହାଓ୍ ଝଙ୍କଙ୍କ ।ର ସୁପର୍ନା ଡୋଙ୍ଗରିଆ କୋଣ୍ଡାର ଭିତର ମହଲରେ ପହଞ୍ଚିଥିଲେ ।ଏକ ଅଦ୍ୱିତୀୟ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନ୍ୟବର ପ୍ରଫେସରଙ୍କୁ ଆମର ଆନ୍ତରିକ କୃତଜ୍ଞତା ଏବଂ ଅଭିନନ୍ଦନ ।

*କୋଲକତା*

# ଦେବର୍ଷି ନାରଦଙ୍କ ମହିମା


ଅଲେଖ ଚନ୍ଦ୍ର ସାମଲ

ନାରଦ ମୁନି ବ୍ରହ୍ମାଙ୍କ ସାତ ଜଣ ମାନସପୁତ୍ରଙ୍କ ମଧ୍ୟରୁ ଜଣେ ଥିଲେ। ସେ ଭଗବାନ ବିଷ୍ଣୁଙ୍କ ଅନନ୍ୟ ଭକ୍ତଙ୍କ ମଧ୍ୟରେ ଗଣା ହୋଇଥାନ୍ତି। ସେ ନିଜେ ବୈଷ୍ଣବ ଅଟନ୍ତି ଏବଂ ବୈଷ୍ଣବମାନଙ୍କ ପରମାଚାର୍ଯ୍ୟ ତଥା ମାର୍ଗଦର୍ଶକ ମଧ ଅଟନ୍ତି। ନାରଦ ମୁନି ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ପ୍ରକଟ ହୋଇଥିବା ବିଶ୍ୱାସ ରହିଛି। ନାରଦ ମୁନି ମଧ ବିଶ୍ୱର ପ୍ରଥମ ସାମ୍ବାଦିକ ଭାବେ ମାନ୍ୟତା ଲାଭ କରିଛନ୍ତି। ପ୍ରତ୍ୟେକ ଯୁଗରେ ସେ ଭଗବାନ ଭକ୍ତି ଏବଂ ତାଙ୍କ ମହିମା ବିସ୍ତାର କରି ଲୋକକଲ୍ୟାଣ ନିମନ୍ତେ ସର୍ବଦା ବିଚରଣ କରିଥାନ୍ତି। ଭକ୍ତି ଏବଂ ସଂକୀର୍ତ୍ତନର ଆଦ୍ୟ ଗୁରୁ ତାଙ୍କୁ କୁହାଯାଏ। ତାଙ୍କର ବୀଣା ଭଗବାନଙ୍କ ନାମ ଜପୁଥିବାରୁ ମହତୀ ନାମରେ ବିଖ୍ୟାତ। ବୀଣା ବଜାଇ ସବୁବେଳେ ସେ ନାରାୟଣ ନାରାୟଣ... ହରି ହରି... ଜପ କରିଥାନ୍ତି। ତାଙ୍କର ଗତି ଅନାଦି କାଳରୁ ଅବ୍ୟାହତ ରହିଛି। ସେ ବ୍ରହ୍ମମୁହୂର୍ତ୍ତରେ ସମସ୍ତ ଜୀବଙ୍କ ଗତି ଦେଖୁଛନ୍ତି ଏବଂ ସେ ଅଜର ଅମର ଅଟନ୍ତି। ଭଗବତ ଭକ୍ତିର ପ୍ରତିଷ୍ଠା ଏବଂ ପ୍ରସାର ଲାଗି ତାଙ୍କର ଆବିର୍ଭାବ ହୋଇଥିଲା। ନାରଦ ମୁନି କଠିନ ତପସ୍ୟା କରି ବ୍ରହ୍ମର୍ଷି ପଦ ପ୍ରାପ୍ତ କରିଥିଲେ। ଦେବର୍ଷି ନାରଦ ଧର୍ମ ପ୍ରଚାର ଏବଂ ଲୋକ କଲ୍ୟାଣ ନିମନ୍ତେ ସର୍ବଦା ପ୍ରଯତ୍ନଶୀଳ ରହିଥାନ୍ତି। ଏହି କାରଣରୁ ସବୁ ଯୁଗରେ, ସବୁଲୋକରେ, ସମସ୍ତ ବିଦ୍ୟାରେ, ସମାଜର ପ୍ରତ୍ୟେକ ବର୍ଗରେ ନାରଦଙ୍କ ସର୍ବଦା ପ୍ରବେଶ ରହିଛି। କେବଳ ଦେବତାମାନେ ନୁହନ୍ତି, ମାନବ, ଦାନବମାନେ ମଧ ତାଙ୍କୁ ଯଥୋଚିତ ସମ୍ମାନ ଦେଇଛନ୍ତି। ତାଙ୍କ ଠାରୁ ସମୟ ସମୟରେ ପରାମର୍ଶ ନେଇଛନ୍ତି। ନାରଦ ମୁନି କଠୋର ତପସ୍ୟା କରି ବ୍ରହ୍ମର୍ଷି ପଦବାଚ୍ୟ ହୋଇଥିଲେ। ଧର୍ମ ପ୍ରଚାର ଏବଂ ଲୋକ କଲ୍ୟାଣ ପାଇଁ ସେ ସର୍ବଦା ପ୍ରଯତ୍ନଶୀଳ ଥାନ୍ତି। ଶାସ୍ତ୍ରରେ ତାଙ୍କୁ ଭଗବାନଙ୍କ ମନ ବୋଲି କୁହାଯାଇଛି। ଶ୍ରୀମଦଭଗବତ ଗୀତାର ଦଶମ ଅଧ୍ୟାୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ତାଙ୍କ ମହତ୍ୱ ପ୍ରତିପାଦ କରି କହିଛନ୍ତି – ଦେବର୍ଷିଣାମ ଚଃ ନାରଦଃ ଅର୍ଥାତ୍ ଦେବର୍ଷିମାନଙ୍କ ମଧ୍ୟରେ ମୁଁ ହେଉଛି ନାରଦ। ଶ୍ରୀମଦଭାଗବତ ମହାପୁରାଣରେ ଏକ କଥନ ରହିଛି ଯେ ସୃଷ୍ଟିରେ ଭଗବାନ ନିଜର ତୃତୀୟ ଅବତାର ରୂପରେ ନାରଦଙ୍କ ରୂପରେ ଅବତରୀତ ହୋଇଥିଲେ। ଏହି ରୂପରେ ସେ ନାରଦ ପାଞ୍ଚ ରାତ୍ର ଉପଦେଶ ଦେଇଥିଲେ। ଏଥିରେ ସତ୍‌କର୍ମ ଦ୍ୱାରା ଭବବନ୍ଧନରୁ ମୁକ୍ତିର ମାର୍ଗ ଦେଖାଯାଇଛି। ବାୟୁ ପୁରାଣରେ ଦେବର୍ଷି ପଦ ଏବଂ ଲକ୍ଷଣ ବିଷୟରେ ବର୍ଣ୍ଣନା ରହିଛି – ଦେବ ଲୋକରେ ପ୍ରତିଷ୍ଠା ପ୍ରାପ୍ତ କରୁଥିବା ଋଷିଗଣ ଦେବର୍ଷି ନାମରେ ପ୍ରସିଦ୍ଧି ହାସଲ କରିଥାନ୍ତି। ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ତିନୋଟି କାଳର ଜ୍ଞାତା, ସତ୍ୟବାଦୀ, ଆତ୍ମଦର୍ଶନ କରି ନିଜ ଭିତରେ ସମବଦ୍ଧ, କଠୋର ତପସ୍ୟା କାରଣରୁ ଲୋକବିଖ୍ୟାତ ସର୍ବଲୋକରେ ସର୍ବଦା ପହଞ୍ଚିବାରେ ସକ୍ଷମ, ମନ୍ତ୍ରଣା ପାଇଁ ମନିଷୀଙ୍କ ଦ୍ୱାରା ଘେରି ହୋଇ ରହିଥିବା ଦେବତା, ଦ୍ୱିଜ ଏବଂ ନୃପ ହିଁ ଦେବର୍ଷି ପଦବାଚ୍ୟ ହୋଇଥାନ୍ତି। ମହାଭାରତରେ ଦେବର୍ଷି ନାରଦଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି। ଦେବର୍ଷି ନାରଦଙ୍କୁ ବେଦ ଏବଂ ଉପନିଷଦର ମର୍ମଜ୍ଞ, ଦେବତାମାନଙ୍କର ପୂଜ୍ୟ, ଇତିହାସ ପୁରାଣର ବିଶେଷଜ୍ଞ, ପୂର୍ବକଳ୍ପର ଜ୍ଞାତା, ନ୍ୟାୟ ଏବଂ ଧର୍ମର ତତ୍ତ୍ୱଜ୍ଞ, ଶିକ୍ଷା, ବ୍ୟାକରଣ, ଆୟୁର୍ବେଦ, ଜ୍ୟୋତିଷ ବିଦ୍ୱାନ, ସଂଗୀତ ବିଶାରଦ, ପ୍ରଭାବଶାଳୀ ବକ୍ତା, ମେଦାବୀ, ନୀତିଜ୍ଞ, କବି, ମହାପଣ୍ଡିତ, ବୃହସ୍ପତିଙ୍କ ଭଳି ମହାବିଦ୍ୱାନମାନଙ୍କ ଶଙ୍କାର ସମାଧାନ କରୁଥିବା ଧର୍ମ-ଅର୍ଥ-କାମ-ମୋକ୍ଷର ଯଥାର୍ଥ ଜ୍ଞାତା, ଯୋଗ ବଳରେ ସମସ୍ତ ଲୋକର ସମାଚାର ଜାଣିବାରେ ସକ୍ଷମ, ସାଂଖ୍ୟ ଏବଂ ଯୋଗର ସମ୍ପୂର୍ଣ୍ଣ ରହସ୍ୟ ଜ୍ଞାତା ଆଖ୍ୟାୟିତ କରାଯାଇଛି। ଦେବର୍ଷି ନାରଦ ଏବଂ ତାଙ୍କର ଭକ୍ତିର ମହିମା ସମ୍ପର୍କରେ ନାରଦ ପୁରାଣ ଏବଂ ନାରଦ ସଂହିତାରେ ବିସ୍ତୃତ ବର୍ଣ୍ଣନା ରହିଛି। ପୂର୍ବ କଳ୍ପରେ ନାରଦ ଉପବର୍ହଣ ନାମରେ ଜଣେ ଗନ୍ଧର୍ବ ଥିଲେ। ସେ ନିଜ ରୂପକୁ ନେଇ ଗର୍ବ କରୁଥିଲେ। ଥରେ ବ୍ରହ୍ମାଙ୍କ ସେବାରେ ଅପସରା ଏବଂ ଗନ୍ଧର୍ବ ଗୀତ ନୃତ୍ୟ ପରିବେଷଣ କରୁଥାନ୍ତି। ସେମାନେ ଜଗତସ୍ରଷ୍ଟାଙ୍କ ଆରାଧନା କରୁଥାନ୍ତି। ଉପବର୍ହଣ ସ୍ତ୍ରୀମାନଙ୍କ ସହିତ ଶୃଙ୍ଗାର ଭାବନା ନେଇ ସେଠାକୁ ଆସିଲେ। ତାଙ୍କର ଏପରି ଅଶିଷ୍ଟ ଆଚାରଣ ଦେଖି ବ୍ରହ୍ମା କୋପ କଲେ ଏବଂ ତାଙ୍କୁ ଶୂଦ୍ର ଯୋନିରେ ଜନ୍ମ ନେବା ଲାଗି ଅଭିଶାପ ଦେଲେ। ଅଭିଶାପର ଫଳସ୍ୱରୂପ ସେ ଶୁଦ୍ରା ଦାସୀଙ୍କ ପୁତ୍ର ହୋଇ ଜନ୍ମ ନେଲେ। ମାପୁଅ ସାଧୁ ସନ୍ଥଙ୍କ ନିଷ୍ଠା ପୂର୍ବକ ସେବା କରୁଥିଲେ। ପାଞ୍ଚ ବର୍ଷର ବାଳକ ସନ୍ଥମାନଙ୍କ ଥାଳିରେ ବଳି ପଡୁଥିବା ଅଇଁଠା ଅନ୍ନ ସେବନ କରୁଥିଲା। ଏହାଫଳରେ ତାଙ୍କ ହୃଦୟରୁ ସମସ୍ତ ପାପ ଧୋଇଗଲା। ବାଳକର ସେବାରେ ପ୍ରସନ୍ନ ହୋଇ ସାଧୁମାନେ ତାକୁ ନାମ ଜପ ଏବଂ ଧ୍ୟାନର ଉପଦେଶ ଦେଲେ। ଶୂଦ୍ରାଦାସୀର କିଛି ଦିନ ପରେ ସର୍ପଦଂଶନରେ ମୃତ୍ୟୁ ଘଟିଲା। ନାରଦ ଏ ସଂସାରରେ ଏକୁଟିଆ ରହିଗଲେ। ସେ ସମୟରେ ସେ ମାତ୍ର ପାଞ୍ଚ ବର୍ଷ ବୟସର ଥିଲେ। ମାତାଙ୍କ ବିୟୋଗକୁ ମଧ ସେ ଭଗବାନଙ୍କ ପରମ ଅନୁଗ୍ରହ ବୋଲି ମାନି ଅନଥାଙ୍କ ନାଥ ଦୀନାନାଥ ଭଗବାନଙ୍କ ଭଜନ କଲେ। ଦିନେ ସେହି ବାଳକ ଏକ ଅଶ୍ୱତଥ ବୃକ୍ଷ ମୂଳରେ ବସି ଧ୍ୟାନ କରୁଥିଲେ ଏହି ସମୟରେ ତାଙ୍କ ହୃଦୟରେ ଭଗବାନଙ୍କ ଉପସ୍ଥିତିର ଆଲୋକ ଦେଖାଦେଲା ଏବଂ ଅଦୃଶ୍ୟ ହୋଇଗଲା। ଏହାପରେ ଭଗବାନଙ୍କୁ ଦର୍ଶନ କରିବା ଲାଗି ତାଙ୍କର ହୃଦୟରେ ବ୍ୟାକୁଳତା ବୃଦ୍ଧି ପାଇଲା। ଏହି ସମୟରେ ଆକାଶବାଣୀ ହେଲା ଯେ ଆର ଜନ୍ମରେ ସେ ଭଗବାନଙ୍କ ପାର୍ଷଦ ହୋଇ ଜନ୍ମ ନେବେ। ସମୟ ବିତିବା ପରେ ବାଳକ ଶରୀର ତ୍ୟାଗ କଲା ଏବଂ କଳ୍ପର ଅନ୍ତରେ ସେ ବ୍ରହ୍ମଲୀନ ହୋଇଗଲା। ସମୟ ଆସିବାରୁ ସେ ଭଗବାନ ବ୍ରହ୍ମାଙ୍କ ମାନସପୁତ୍ର ରୂପେ ସେ ପୁଣିଥରେ ପ୍ରକଟ ହେଲେ।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୬୭୧୨୩*




# ଜନ ଆର୍ଶିବାଦ ସମାବେଶରେ ଅନ୍ୟାୟ, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କଲେ ହିମାଂଶୁ



ଜେନାପୁର,(ପି.ଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତସ୍ଥିତ ବାରକଣା ଖେଳ ପଡ଼ିଆ ଠାରେ ୧୧ ଓ ୧୨ ନଂ ଜୋନସ୍ତରୀୟ ଜନ ଆର୍ଶିବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳାର ଯୁବ ସମାଜସେବୀ ଓ ଯୁବ ସଂଗଠକ ହିମାଂଶୁ ଶେଖର ସାହୁଙ୍କ ପକ୍ଷରୁ ଅନୁଷ୍ଠିତ ସମାବେଶକୁ ଚନ୍ଦ୍ରମଣି ପଣ୍ଡିତ ପରିଚାଳନା କରିଥିଲେ। ଯୁବନେତା ହିମାଂଶୁ ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ଉଦ୍ ?ବୋଧନ ଦେଇ କହିଥିଲେ, ଧର୍ମଶାଳା ଚାହେଁ ପରିବର୍ତ୍ତନ ଓ ବିକାଶ ଧାରା କୁ ଆଗକୁ ନେଇ ଏକ ନୂତନ ସଂସ୍କାର ଧର୍ମଶାଳା ଦେଖିବାକୁ ଚାହୁଁଛନ୍ତି । ଏହି ଅଞ୍ଚଳ ଦେଇ ବ୍ରାହ୍ମଣୀ,ନଦୀ ପ୍ରବାହିତ ହୋଇଥିଲା ବେଳେ ୩୦୦ କୋଟିର ମେଗା ବିଶୁଦ୍ଧ ପାନୀୟ ପ୍ରକଳ୍ପ କାର୍ଯ୍ୟର ଅବଧି ସରିଯାଇଥିଲେ ସୁଦ୍ଧା ଅଦ୍ୟାବଧି ବିଶୁଦ୍ଧ ଜଳ ପାଇବା ରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ । ଯାହା ଫଳରେ ଜନସାଧାରଣଙ୍କ ମନରେ ଦୁର୍ନୀତି ହେଇଛି ବୋଲି ଅଭିଯୋଗ ହେଉଛି । ଏଠାରେ ଦୀର୍ଘ ୨୫ ବର୍ଷ ଧରି ବୁଜୁ ଜନତା ଦଳର ଶାସନ ଚାଲିଥିଲେ ହେଁ ଶୀତଳ ଭଣ୍ଡାରଟିଏ ହୋଇପାରିଲା ନାହିଁ। ଯାହା ଫଳରେ ଚାଷୀ ଯାହା ଅମଳ କରେ ତାକୁ ଶାଗ ମାଛ ଦରରେ ବଜାରରେ ବିକ୍ରି କରିଥାଏ । ସାଧାରଣତଃ ଏ ଅଞ୍ଚଳରେ ପାହାଡ,ବାଲି,ମହରମ ପ୍ରତିଦିନ ଚୋରା ଚାଲଣା ସାଙ୍ଗକୁ ସରକାରଙ୍କ ବହୁମୂଲ୍ୟ ଟିକସ ଶାଗ ମାଛ ଦରରେ ବିକ୍ରି ହେବା ସହ ବାଟମାରଣା ହେଉଛି ବୋଲି ସେ ଅଭିଯୋଗ କରିଥିଲେ । ଏହି ଦୁର୍ନୀତିରେ ଶାସକ ଦଳର କୁଜିନେତା ମାନଙ୍କର ହାତ ଥିବାରୁ ସବୁବେଳେ ଶାସନ ବ୍ୟବସ୍ଥା ଲୋକ ଦେଖାଣି ହୁଏ ବୋଲି କହିଥିଲେ । ଯାଜପୁର ଜିଲ୍ଲାର କଳିଙ୍ଗନଗର ର ବିଭିନ୍ନ ସ୍ଥାନରେ ନିକଟ ଅତୀତରେ ବହୁ ମୂଲ୍ୟବାନ୍ କଳକାରଖାନା ସ୍ଥାପିତ ହୋଇଥିଲେ ବି ଯୁବକ ମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହା ଫଳରେ ବାଧ ହୋଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିଥାନ୍ତି । ସୁଶାସନ ସଂକଳ୍ପବଦ୍ଧ ଭାବେ ସହଯୋଗ କରିବାକୁ ହିମାଂଶୁ ଉପସ୍ଥିତ ଥିବା ସମର୍ଥକ ବିଧିବଦ୍ଧ ପ୍ରତିଶୃତି ଦେଇଥିଲେ । ବିଜେପି ପକ୍ଷରୁ ଟିକେଟ୍ ନ ମିଳିଲେ ସେ ଧର୍ମଶାଳା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ହିମାଂଶୁ ଲଢିବେ ବୋଲି ଉଦବୋଧନ ଦେଇଥିଲେ । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାମିଲ ଥିବା ୧୧ ଓ ୧୨ ନଂ ଜୋନ୍ ?ସ୍ତରୀୟ ବହୁ ସମର୍ଥକ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତର ତାଳେତାଳେ ସମର୍ଥକମାନେ ଝୁମିଝୁମି ମଜା ନେଇଥିଲେ ।

# ୫,୪୦୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ସହ ବାର୍ଷିକ ୪.୨ ମିଲିୟନ ଟନକୁ କ୍ଷମତା ବୃଦ୍ଧି ନେଇ ଜିନ୍ଦଲ ଷ୍ଟେନଲେସର ଘୋଷଣା

ନୂଆ ଦିଲ୍ଲୀ/ଯାଜପୁର, (ପି.ଏନ): ଭାରତର ଅଗ୍ରଣୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ ଆଜି ଏହାର ମେଲ୍ଟିଂ ଏବଂ ଡାଉନଷ୍ଟ୍ରିମ କ୍ଷମତାକୁ ବୃଦ୍ଧି କରିବା ସହ ବିଶ୍ୱରେ ଏକ ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଭାବେ ପରିଗଣିତ ହେବା ଉଦ୍ଦେଶ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଏବଂ ଅଧିଗ୍ରହଣ ଯୋଜନା ଘୋଷଣା କରିଛି। ଷ୍ଟେନଲେସ ଷ୍ଟିଲରେ ବିଶ୍ୱସ୍ତରୀୟ ନେତୃତ୍ୱ ହାସଲ କରିବା ପାଇଁ କମ୍ପାନୀ ପ୍ରାୟ ୫,୪୦୦ କୋଟି ଟଙ୍କାର ଏକ ତ୍ରିସ୍ତରୀୟ ନିବେଶ ରଣନୀତି ଘୋଷଣା କରିଛି। ଜିନ୍ଦଲ ଷ୍ଟେନଲେସ ଇଣ୍ଡୋନେସିଆରେ ବାର୍ଷିକ ୧.୨ ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ଥିବା ଏକ ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟ ସୋପ୍ ବିକାଶ ଏବଂ ପରିଚାଳନା ପାଇଁ ଯୌଥ ଉଦ୍‌ଯୋଗ ଆରମ୍ଭ କରିଛି। ଏଥିରେ ୭୦୦ କୋଟି ଟଙ୍କାରୁ ଅଧିକ ନିବେଶ ହେବା ସହ କମ୍ପାନୀର ମେଲ୍ଟିଂ କ୍ଷମତା ୪୦% ବୃଦ୍ଧି ପାଇ ବାର୍ଷିକ ୪.୨ ମିଲିୟନ ଟନ୍ ହେବ। ଯାଜପୁରରେ ଏହାର ଡାଉନଷ୍ଟ୍ରିମ ଲାଇନର ସମ୍ପ୍ରସାରଣ ପାଇଁ କମ୍ପାନୀ ପ୍ରାୟ ୧୯୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛି। ଏହା ବ୍ୟତୀତ ରେଲୱେ ସାଇଡିଂ, ସଷ୍ଟେନେବିଲିଟି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଅକ୍ଷୟ ଶକ୍ତି ଉତ୍ପାଦନ ଭଳି ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ ପାଇଁ କମ୍ପାନୀ ପ୍ରାୟ ୧୪୫୦ କୋଟି ଟଙ୍କାର ନିବେଶ ଆକଳନ କରିଛି। ତୃତୀୟତଃ, କମ୍ପାନୀ ଏକ ଗଠନମୂଳକ ପରୋକ୍ଷ ଅଧିଗ୍ରହଣ ଚୁକ୍ତି ମାଧ୍ୟମରେ ଗୁଜରାଟର ମୁନ୍ଦ୍ରାରେ ଥିବା ୦.୬ ଏମଟିପିଏ କୋଲ୍ଡ ରୋଲିଂ ମିଲ, କ୍ରୋମେନି ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ସିଏସପିଏଲ୍)ର ୫୪% ଇକ୍ୱିଟି ଅଂଶଧନ ଅଧିଗ୍ରହଣ କରିବ। ଏହି କାରବାରରେ ପ୍ରାୟ ୧,୩୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯେଉଁଥିରେ ଯ୧,୨୯୫ କୋଟି ଟଙ୍କାର ଋଣ ଏବଂ ଇକ୍ୱିଟି କ୍ରୟ ବାବଦରେ ଅବଶିଷ୍ଟ ୪୫ କୋଟି ଟଙ୍କା ରହିଛି ।ଜିନ୍ଦଲ ଷ୍ଟେନଲେସର ବୋର୍ଡ ଅଫ୍ ଡିରେକ୍ଟରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ଉଲ୍ଲେଖନୀୟ ନିଷ୍ପତ୍ତି ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଏହି ଅଧିଗ୍ରହଣ ଏବଂ ପୁଞ୍ଜିନିବେଶ ସହ ଆମେ ବିଶ୍ୱର ଅନ୍ୟତମ ଅଗ୍ରଣୀ କମ୍ପାନୀ ହେବା ପାଇଁ ଏକ ସ୍ୱଷ୍ଟ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରିଛୁ। ଇଣ୍ଡୋନେସିଆର ଯୌଥ ଉଦ୍‌ଯୋଗ ଆମକୁ ସର୍ବୋତ୍ତମ ଗତି ଏବଂ କଞ୍ଚାମାଲ ସୁରକ୍ଷା ପ୍ରଦାନ କରିବ ଏବଂ ଯାଜପୁର ଲାଇନର ଉନ୍ନତିକରଣ ଘରୋଇ ଏବଂ ବିଦେଶୀ ଗ୍ରାହକଙ୍କ ପାଇଁ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିବ ।କ୍ରୋମେନିର କୋଲ୍ଡ ରୋଲିଂ ମିଲ୍ ଉଭୟ ଭାରତ ତଥା ବିଦେଶରେ ଆମର ପ୍ରସାରକୁ ବିସ୍ତାର କରିବ ଏବଂ ଦୀର୍ଘକାଳୀନ ମୂଲ୍ୟଯୁକ୍ତ ବିଭାଗରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ । "ଏହି ଅବସରରେ ସିଇଓ ତଥା ସର୍ବକାଳୀନ ନିର୍ଦ୍ଦେଶକ, ତରୁଣ କୁମାର ଖୁଲବେ କହିଛନ୍ତି, 'ଇଣ୍ଡୋନେସିଆର ଅପଷ୍ଟ୍ରିମ୍ ସୁବିଧାରେ ପୁଞ୍ଜିନିବେଶ ହେଉଛି ଏକ ପ୍ଲଗ୍ ଆଣ୍ଡ ପ୍ଲେ ମଡେଲ୍, ଯାହା ବର୍ତ୍ତମାନର ଇଣ୍ଡଷ୍ଟ୍ରିଆଲ ପାର୍କ ସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ ୨୪ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଲଜିଷ୍ଟିକ୍ ଏବଂ ଶକ୍ତି ଖର୍ଚ୍ଚ ଇଣ୍ଡୋନେସିଆକୁ ଏଭଳି ନିବେଶ ପାଇଁ ଅଧିକ ଅନୁକୂଳ କରିଥାଏ । ଏହାବ୍ୟତୀତ ଇଣ୍ଡୋନେସିଆ ସରକାର ନିକେଲ ଓର୍ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଏବଂ ଦୀର୍ଘମିଆଦୀ ଟିକସ ହୋଲିଡେ ମାଧ୍ୟମରେ ଡାଉନଷ୍ଟ୍ରିମ୍ ସୁବିଧାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରୁଛନ୍ତି। କ୍ରୋମେନି ଅଧିଗ୍ରହଣ ଆମର କୋଲ୍ଡ ରୋଲ ଉତ୍ପାଦ ବୃଦ୍ଧି କରିବାରେ ସହାୟକ ହେବ।'କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ରୁପ୍ ସିଏଫ୍‌ଓ ଅନୁରାଗ ମନ୍ତ୍ରୀ କହିଛନ୍ତି, 'ଏହି ନିବେଶ ଆମର ଡାଉନଷ୍ଟ୍ରିମ୍ କୋଲ୍ଡ ରୋଲ କ୍ଷମତାକୁ ସାମଗ୍ରିକ ଭାବେ ସନ୍ତୁଳନ କରିବାରେ ସହାୟକ ହେବ ଏବଂ ବିଶ୍ୱସ୍ତରୀୟ ବେଞ୍ଚମାର୍କର ନିକଟତର ହେବ। ଇଣ୍ଡୋନେସିଆରେ ଉତ୍ପାଦନର ବିକଳ୍ପ ମାର୍ଗ କଞ୍ଚାମାଲ ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଆଭ୍ୟନ୍ତରୀଣ ଆୟ ଏବଂ ଋଣ ମାଧ୍ୟମରେ ଆମେ ଏହି ପୁଞ୍ଜିନିବେଶ କରିବୁ ଏବଂ ଲିଭରେଜ୍ ଅନୁପାତ ଉପରେ ନଜର ରଖିବୁ।' ଇଣ୍ଡୋନେସିଆ ଏସଏମଏସ ପାଇଁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ତଥା ପ୍ରକଳ୍ପ କାର୍ଯ୍ୟକ୍ଷମତାରେ ବ୍ୟାପକ ଅଭିଜ୍ଞତା ଥିବା ଅଂଶୀଦାର ସଂସ୍ଥା ରହିଛି। ଯାଜପୁରରେ ଡାଉନଷ୍ଟ୍ରିମ୍ ସମ୍ପ୍ରସାରଣ ଏବଂ ସିଏସପିଏଲ୍ ଅଧିଗ୍ରହଣ ଇଣ୍ଡୋନେସିଆ ଏସ୍‌ଏମ୍‌ଏସ୍ କ୍ଷମତା

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅଂର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ। ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଂପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଥକ୍ତଙ୍କକ୍ଟଶ୍ୱ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ

ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

## ବାଇକ ଦୁର୍ଘଟଣାରେ ନାବାଳକ ସମେତ ୨ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଶୁକ୍ରବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ସମେତ ଜଣେ ନାବାଳକ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଯାଜପୁର ଅଂଚଳର ଦୀଲିପ ବାରିକ (୪୨) ନିଜ ଭଉଣୀ ଓ ଭଣଜା ବାଦଲ ପୃଷ୍ଟି (୬)ଙ୍କୁ ବାଇକରେ ବସାଇ କଟକ ଅଭିମୁଖେ ଯାଉଥିବା ବେଳେ ନେଉଳପୁର ନିକଟରେ ବାଇକ ଆଗକୁ କୁକୁର ପସି ଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଫଳରେ ଦୀଲିପଙ୍କ ଗୋଡ ଭାଙ୍ଗିଯାଇଥିଲା ବେଳେ ବାଦଲ ଆହତ ହୋଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହାନୀ ଆହତମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟ ମାମୁ ଭଣଜାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ମଲ୍ଲିପଦରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ ମଲ୍ଲିପଦର ଗ୍ରାମର ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁରୋଗର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭୁବନେଶ୍ୱରର ସେଂଟର ଫର ସାଇଟ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦିପ୍ତୀରଂଜନ ପଣ୍ଡା ଯୋଗଦେଇ ମୋଟ ୫୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବାବେଳେ ମାଗୁଣୀ ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଂଜନ କୁମାର ଦାଶ ସହଯୋଗ କରିଥିଲେ।

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ। ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ। ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି। ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ। ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ। ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ। ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ। ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ। ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ। ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ। ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି। ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ। ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ। ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ। ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ। କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ। ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ। ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ। ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି। ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ। ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି। ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି। ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି। ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ୍ୟ ହୋଇଛି। ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ। ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ। କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ। ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ। ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍। ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି। ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ। ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି। ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା। ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି। ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ। ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ। ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ। ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି। ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ। ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ। ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସତସଙ୍ଗ କେନ୍ଦ୍ର ପକ୍ଷରୁ ଜାରକାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବସ ବ୍ୟାପି ବହୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସତସଙ୍ଗ କେନ୍ଦ୍ରର ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ସ୍ୱାଗତ ଦାସ, ଅତିଥି ଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ଠାକୁର ଅନୁକୁଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତନ ସମୟରେ ବୃକ୍ଷର ଆବଶ୍ୟକତା ଉପଲବ୍ଧି କରି ଅତିଥିମାନେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ନିଗମ ମହାନା, ସନ୍ତୋଷ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଗୁରୁଭାଇମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦେଶ ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ)-ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୟାସିର ନଓ୍ୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ୍ୟ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ନବୀନ ସରକାରଙ୍କର ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହୀନ, ମସ୍ତକ ବିହୀନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଏମାନେ କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତୋଳନ କରନ୍ତି ନାହିଁ। କେବଳ ନବୀନବାବୁଙ୍କ ଜୟଜୟକାର କରିବା ଛଡ଼ା ଛାତ୍ର ବିଜେଡ଼ିର ଦ୍ୱିତୀୟ କାର୍ଯ୍ୟ କିଛି ନାହିଁ। ଏମାନେ କେବେ ଆନ୍ଦୋଳନ କରି ରାସ୍ତା ଉପରକୁ ଓହ୍ଲାଇ ନାହାନ୍ତି। ସାରା ରାଜ୍ୟରେ କ୍ୟାମ୍ପସ ଅସୁରକ୍ଷିତ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ପ୍ରାଇଭେଟ କଲେଜର ମାଲିକମାନେ ଶୋଷଣ କରୁଛନ୍ତି। କଲେଜ ଫି ବଢ଼ି ବଢ଼ି ଚାଲିଛି, ର୍ୟାଗିଂ ଚାପରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅଧ୍ୟାପକମାନଙ୍କର ଘୋର ଅଭାବ, ଭିତିଭୂମି ନାହିଁ, ଜାଲ ସାର୍ଟିଫିକେଟରେ ଆଡମିଶନ ହେଉଛି, ଡେଭଲପମେଂଟ ଫଣ୍ଡ ଲୁଟି ନିଆଯାଉଛି। ଆମେ ଆନ୍ଦୋଳନ କରୁଛୁ ମାତ୍ର ଛାତ୍ର ବିଜେଡ଼ି ଚୁପ ବସିଛି। ଏବିଭିପି ମଧ୍ୟ ବିସିଜେଡ଼ି ସହ ହାତ ମିଳାଇଛି। ଅପରପକ୍ଷରେ ବର୍ଷକୁ ନବୀନ ପଟ୍ଟନାୟକ ୨ଲକ୍ଷ ଏବଂ ନରେନ୍ଦ୍ର ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏବେ ଛାତ୍ରଛାତ୍ରୀମାନଙ୍କୁ ଓ ବେକାର ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଉଛନ୍ତି। ମହଙ୍ଗାମାଡ଼ ଜନସାଧାରଣଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଖଣି, ରେଳବାଇ, ଏଲଆଇସି, ବିଏସଏନଏଲ, ବନ୍ଦର ଯାହା ସବୁ ଦେଶର ସଂପତି ରହିଛି ସବୁ ଗୋଟି ଗୋଟି କରି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଶିଳ୍ପପତିମାନଙ୍କୁ ଦାନ କରିଦେଉଛନ୍ତି। ଘୃଣା, ହିଂସା, ଜାତିବାଦ, ଖାଦ୍ୟ ଓ ପୋଷାକ ଆଧାରରେ ଭାରତକୁ ଭାଗ ଭାଗ କରିବାପାଇଁ ଚକ୍ରାନ୍ତ ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସମୂହରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଛାତ୍ର କଂଗ୍ରେସ ଛାତ୍ର ଯୋଡ଼ୋ କାର୍ଯ୍ୟକ୍ରମ କରୁଛି। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଂହଚିବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ସ୍ୱାଗତ କର, ସୁନିଲ ମାଟିଆ, ଜଗଦିଶ ଗଜେନ୍ଦ୍ର, ସ୍ମୃତିରନ ତ୍ରିପାଠୀ, ନିହାର ବେହେରା, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ବିଭୁତିଭୂଷଣ ମହାପାତ୍ର, ନିଆଜୁଲ ଇସଲାମ, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ମହମ୍ମଦ ସମିଉଲ, ଭାଗ୍ୟଶ୍ରୀ ମହାନ୍ତି, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ସୌମ୍ୟବ୍ରତ ଷଣ୍ଢ, ସୟଦ ଆଜମ ଅଲ୍ଲୀ, ଆର୍ଯ୍ୟାନ ସାସମଲ, ଅବଦୁଲ ଆବ୍ରାର, ବାସୁଦେବ ନାର୍ଥ ଶର୍ମା, ଅପର୍ଣ୍ଣା ଜେନା, ଲିପ୍ସା ପରିଡ଼ା, ରାଜେଶ୍ୱରୀ ବିଶ୍ୱାଳ, ବାସନ୍ତ ଗାଗରାଇ, ପ୍ରତ୍ୟୁଷ ରଂଜନ ପ୍ରଧାନ ଓ ସୁନିଲ ସାହୁ ଗାନ୍ଧୀ ପ୍ରମୁଖ ବହୁ ଛାତ୍ର ନେତା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ସ୍ୱସ୍ତି ପ୍ରିମିଅମ୍‌ଠାରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ମୁଖ୍ୟ ଅତିଥି, ସଭାପତି ସୁଭାଷ ଚନ୍ଦ୍ର ମୁଖାର୍ଜୀ, ଉପଦେଷ୍ଟା ଡ. ସଜାଲେନ୍ଦୁ ମାଲକାର, ଉପସଭାପତି ହର୍ଷବର୍ଦ୍ଧନ ଭରଦ୍ୱାଜ ଯୋଗଦେଇ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଜାତା ରାହାଙ୍କ ଆବାହକତ୍ୱରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ମାତୃଭାଷାର ବିକାଶ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଆଗେଇ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ରାହା ବିବରଣୀ ରଖିବା ସହ ସମସ୍ତେ ରାଷ୍ଟ୍ର ପାଇଁ ନିଷ୍ଠା, ସମର୍ପଣ ଭାବ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତଃ ଦାସ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠକ ଥିଲେ। କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ବାଲେଶ୍ୱରର ଜନସାଧାରଣଙ୍କର ସମସ୍ୟାକୁ ବିଧାନସଭାରେ ଦୃଢ଼ ଉପସ୍ଥାପନ କରିବା ଏବଂ ତାର ପ୍ରତିକାର କରିବାରେ ସେ କେବେ ଅବହେଳା କରିନାହାନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଏସେଲସ୍ ପବ୍ଲିକ ସ୍କୁଲ ପକ୍ଷରୁ ଉଡାନ ଓ ଲିଟେରାରୀ କ୍ଲବ ଉଦଘାଟିତ



କଟକ (ପିଏନ୍): କଟକ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲ ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଭାବେ ପିଲାମାନଙ୍କ ପାଇଁ ଉଡାନ ଓ ପ୍ରଦର୍ଶ ଶୀର୍ଷକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ରୁହିନା ପ୍ରିୟଦର୍ଶିନୀ ଯୋଗ ଦେଇ ସକାରାତ୍ମକ ଓ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଶହେଜଣ ଅଭିଭାବକ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନେ ନିଜ ଦକ୍ଷତା ଓ ନିଜ ଭିତରର ଶ୍ରେଷ୍ଠତାକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶିକା ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟ ପକ୍ଷରୁ ଲିଟେରାରୀ କ୍ଲବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ତିନିଶହ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ଉନ୍ମୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ତାତ୍ପର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିବା ସହ ଏହି କ୍ଲବ ବିପୁଳ ସଫଳତା ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ । ୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ, ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି, କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# କୁକୁଡାଖଣ୍ଡି ପଞ୍ଚାୟତ ରେ ଘର ଘର ବୁଲି ବିଜେଡି ବିଧାୟକ ପ୍ରାର୍ଥୀ ଙ୍କ ନିର୍ବାଚନୀ ପ୍ରଚାର



କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର) : ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଜୋର ଧରିଛି ବିଭିନ୍ନ ଦଳ ର ନେତା ଙ୍କ ପ୍ରଚାର ସେହି ପରି ବିଜେଡି ପାର୍ଥି ଙ୍କ ପ୍ରଚାର ମଧ ଜୋର ଧରିବା ସାଧାରଣ ରେ ଚର୍ଚ୍ଚା । ଗୁରୁବାର ଦିନ ଅପରାହ୍ନ ସମୟ ରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପାର୍ଥ ବିପ୍ଳବ ପାତ୍ର ନିଜ ସମର୍ଥକ ଙ୍କ ସହ ମିଶି କୁକୁଡ଼ାଖଣ୍ଡି କାଳୀ ମନ୍ଦିର ଠାରେ ପହଞ୍ଚି ବା ପରେ ଦଳୀୟ କର୍ମୀ ଓ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିରାଟ ପଟୁଆରରେ ବାହାରି ଘର ଘର ବୁଲି ଭୋଟ ଭିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଓ କୁକୁଡାଖଣ୍ଡି ପଞ୍ଚାୟତ ର କୁକୁଡ଼ାଖଣ୍ଡି ଗ୍ରାମ, ଏ.ରଘୁନାଥପୁର, ନୂଆଁ ରାମଚନ୍ଦ୍ରପୁର ଓ ପୁରୁଣା ରାମଚନ୍ଦ୍ରପୁର ଆଦି ଗ୍ରାମକୁ ଗସ୍ତ କରି ନିର୍ବାଚନୀ ପ୍ରଚାର ଝୋରଜାର କରିଥିବା ସାଧାରଣ ରେ ଚର୍ଚ୍ଚା । ଭୋଟ ଭିକ୍ଷା ସମୟ ରେ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକଙ୍କୁ ବୁଝାଇବା ଶହ ଲୋକଙ୍କ ପାଖରେ ସେହି ଯୋଜନା ଗୁଡିକ ପହଁଚୁଛି କି ନାହିଁ ତାହା ମଧ ପଚାରିବୁଝିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପାର୍ଥି ବିପ୍ଳବ ପାତ୍ରଙ୍କ ସହ କୁକୁଡ଼ାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷ ପ୍ରସାଦ ପାତ୍ର, ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ସମାଜସେବୀ ଟୁକୁନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ବିଜେଡି ବ୍ଲକ ସଭାପତି ସିତାରାମ ସାହୁ, କୈଳାସ ବିଷୋୟୀ, ବ୍ଲକ ବରିଷ୍ଠ ବିଜେଡି ନେତା ଉଦୟ ବେହେରା, ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ ମଣିବାବୁ, ବିଜେଡି ଯୁବ ନେତା କେ ଅବିନାଶ, ଅଜୟ ବେହେରା, ମୋହନ ପଟ୍ଟନାୟକ, କୈଳାସ ରଣା, ପ୍ରଗତି ଦଳେଇ, ଙ୍କ ସମେତ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଜେଡ଼ି କର୍ମୀ ଓ ଜନସାଧାରଣ ଉପସ୍ଥିତ ରହିଆସିଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

